# ନକଲି ସୁନା ବିସ୍କୁଟ କାରବାର, ୬ କୋର୍ଟଚାଲାଣ

ନୀଳଗିରି, ୯।୧୨ (ସମିସ)



ନୀଳଗିରିରେ ନକଲି ସୁନା ବିସ୍କୁଟ କାରବାରରେ ୬ଜଣ ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ନୀଳଗିରି ଏସଡିପିଓ ପ୍ରମୋଦ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କ ନିକଟରୁ ତିନି ଲକ୍ଷ ୨୯ ହଜାର ପାଞ୍ଚ ଶହ ଟଙ୍କା ସହ ୬ଟି ମୋବାଇଲ୍, ଏକ କଳା ରଙ୍ଗର ବୁଲେଟ୍, ଗୋଟାଏ ପଲ୍ସର ବାଇକ୍ ଜବତ କରାଯାଇଛି ।

ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଡିମିରିସେନା ଗ୍ରାମର ସରକାରୀ ପ୍ରାଥମିକ ଶିକ୍ଷକ ସଂଗ୍ରାମ କେଶରୀ ବେହେରାଙ୍କ ସହିତ ତିନି ମାସ ପୂର୍ବରୁ ରେମୁଣା ଥାନା ଅନ୍ତର୍ଗତ ବଡୁଆ ଗ୍ରାମର ଜୟନ୍ତ ମଲ୍ଲିକ ଦୁଇଟି ସୁନା ବିସ୍କୁଟ ନୀଳଗିରି ଥାନା ଅନ୍ତର୍ଗତ ମାନଗଡ ଗ୍ରାମର ଭୁଗୁଲା ମାଝିଠାରୁ ଆଣିଥିବା ବେଳେ ଆହୁରି କିଛି ସୁନା ବିସ୍କୁଟ ରହିଛି ବୋଲି କହିବା ସହିତ ସେଗୁଡିକୁ ଆଣି ବିକ୍ରି କର ବୋଲି କହିଥିଲା। ଏ ବାବଦରେ ବାପି ମଲ୍ଲିକ ଭୁଗୁଲା ସହ କଥା ହେବା ପରେ ଗତ ୭ ତାରିଖ ଦିନ ଶିକ୍ଷକ ସଂଗ୍ରାମ କେଶରୀ ବେହେରା ଓ ତାଙ୍କର ଶାଳକ ଖୋର୍ଦ୍ଧା ଜିଲ୍ଲାର ଦଲକ୍ ଗ୍ରାମର ଜମ୍ବେଶ୍ୱର୍ ବେହେରାଙ୍କୁ ଧରି ଏକ କାର ଯୋଗେ ନୀଳଗିରି ସନ୍ତାରାଗଡିଆରେ ପହଞ୍ଚି ଥିଲେ। ଏହି ସମୟରେ ଛଦ୍ମନାମୀ ରୁହୀୟା ସିଂ ଏକ ନିଛାଟିଆ ସ୍ଥାନକୁ ଡାକି ତୁମେ ଟଙ୍କା ଆଣିଛ ନା ବୋଲି ପଚାରିଥିଲା। ଶଳା ଭିଣୋଇ ଟଙ୍କା ଆଣିଥିବାର କହିଥିଲେ। ଯୋଜନା ଅନୁସାରେ ରୂହିୟା ସିଂ ତାର ଭାଇକୁ ଘଟଣାସ୍ଥଳକୁ ଡାକି ଥିଲେ। ଦୁଇଟି ସୁନା ବିସ୍କୁଟ ବଦଳରେ ପାଞ୍ଚ ଲକ୍ଷ ଟଙ୍କା ନେବୁ ବୋଲି ନିଷ୍ପତ୍ତି ହେଲା। ଆଲୋଚନା ଭିତରେ ଅନ୍ୟ ଚାରି ଜଣ ଯୁବକ ଦୁଇଟି ବାଇକରେ ଘଟଣା ସ୍ଥଳରେ ପହଞ୍ଚି ଶଳା ଓ ଭିଣୋଇଙ୍କୁ ଧମକ ଚମକ୍ ଦେବା ସହ ତାଙ୍କ ଠାରୁ ନଗଦ ୪.୨୦ ଲକ୍ଷ ଟଙ୍କା ସହ ଜମ୍ବେଶ୍ୱରଙ୍କ ବେକରେ ଥିବା ସୁନାଚେନକୁ ନେଇ ଯାଇଥିଲେ। ସନ୍ଧ୍ୟା ପ୍ରାୟ ୮ଟା ସମୟରେ ଘଟଣା ଘଟିଥିବାବେଳେ ନିରୁପାୟ ହୋଇ ଶେଷରେ ଦୁଇ ଜଣ ଇଶ୍ୱରପୁର ଫାଣ୍ଡିରେ ଅଭିଯୋଗ କଲା ପରେ ଫାଣ୍ଡି ଅଧିକାରୀ ସବ୍ ଇନ୍ସପେକ୍ଟର ବିକାଶ ଭୋଇ ନିଜର ରଣ କୌଶଳ ଲଗାଇ ଦେଇଥିଲେ। ଶେଷରେ ଘଟଣାରେ ସଂପୃକ୍ତି ଥିବା ଛଜଣ ଅଭିଯୁକ୍ତଙ୍କୁ ଧରିବା ସହ ସେମାନଙ୍କ ନିକଟରୁ ତିନି ଲକ୍ଷ ଅନତିରିଶୀ ହଜାର ପାଞ୍ଚ ଶହ ଟଙ୍କା ଜବତ କରିବା ସହ ଛଅଟି ମୋବାଇଲ୍, ଏକ କଳା ରଙ୍ଗର ବୁଲେଟ, ଗୋଟାଏ ବାଜାଜ ପୋଲ୍ସର ଗାଡ଼ି ଜବତ କରିଥିବାର ପ୍ରେସ ମିଟ ରେ ସୂଚନା ଦେଇଛନ୍ତି। ଅଭିଯୁକ୍ତ ୬ହେଲେ ନିଳଗିରି ଥାନା ଅନ୍ତର୍ଗତ ମାନଗଡ ଗ୍ରାମର ଭୁଗୁଲା ମାଝି (୩୫) ଯିଏକି ନିଜକୁ ରୂହୀୟା ସିଂ ବୋଲି ପରିଚୟ ଦେଇଥିଲା। ଉକ୍ତ ଥାନା ଅନ୍ତର୍ଗତ ଟଣକା ଗ୍ରାମର ମହେଶ୍ୱର ମଲ୍ଲିକ, ସେହିପରି ସୋର ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ବାପି ଓରଫ୍ ଜୟନ୍ତ ଜେନା (୨୫), ପପୁ ମଲ୍ଲିକ (୩୫, ରେମୁଣା ଥାନା ଅନ୍ତର୍ଗତ ବଡୁଆ ଗ୍ରାମର ସୁଶାନ୍ତ ମଲ୍ଲିକ (୩୨) ଓ ଜୟନ୍ତ ମଲ୍ଲିକ (୩୫) ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏ ନେଇ ନୀଳଗିରି ଥାନାରେ ମାମଲା ରୁଜୁ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ, ସବ୍‌ଇନ୍ସପେକ୍ଟର ବିକାଶ ଭୋଇ ଉପସ୍ଥିତ ଥିଲେ।

# ଜୁଆ ଆଡ୍ଡାରେ ଚଢ଼ଉ, ୧୨ ଗିରଫ



**୯ ବାଇକ ଓ ଟଙ୍କା ଜବତ**

ଜଳେଶ୍ୱର, ୯।୧୨(ସମିସ) : ଓଡ଼ିଶା ରାଜନୀତିରେ ଜୁଆ ଖେଳ ପ୍ରସଙ୍ଗ ପାଲଟିଥିବା ବେଳେ ଜଳେଶ୍ୱର ସହର ମଧ୍ୟସ୍ଥଳ ଝାଡ଼େଶ୍ୱରପୁରରେ ଏକ ଜୁଆ ଆଡ୍ଡା ଉପରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇଥିଲା। ପୌରାଞ୍ଚଳ ଅଧୀନ ୧ ନଂ ୱାର୍ଡସ୍ଥିତ ଏକ ଦୁଇ ମହଲା ପକ୍କା ଘରେ ଜୁଆଖେଳ ଦୀର୍ଘଦିନ ଧରି ସଂଘବଦ୍ଧ ଭାବେ ହୋଇ ଆସୁଥିଲା। ସୋମବାର ବିଳମ୍ବିତ ରାତ୍ରରେ ଜଳେଶ୍ୱର ଏସଡିପିଓ ସୁବ୍ରତ ବେହେରା, ଆଇଆଇସି ଆଶୋକ ବାରିକଙ୍କ ମିଳିତ ନେତୃତ୍ୱରେ ସଦଳବଳେ ଅତର୍କିତ ଚଢ଼ଉ କରିଥିଲେ। ଏହି ସମୟରେ କେତେକ ଯୁବକ ଚମ୍ପଟ ମାରିଥିବା ବେଳେ ୧୨ ଜଣକୁ ଗିରଫ କରିବାରେ ଜଳେଶ୍ୱର ପୁଲିସ ସଫଳତା ହାସଲ କରିଛି। ସେମାନଙ୍କ ନିକଟରୁ ୯ଟି ବାଇକ୍, ୧୨ଟି ମୋବାଇଲ, ୪ଟି ତାସପାଲି ଓ ୧୫ହଜାରରୁ ଅଧିକ ଟଙ୍କା ଜବତ୍ ହୋଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଝାଡ଼େଶ୍ୱରପୁର ଗ୍ରାମରେ ଏକ ନିର୍ଦ୍ଦିଷ୍ଟ ଘରେ ଦୀର୍ଘ ଦିନ ଧରି ଏହି ଜୁଆ ଖେଳ ଚାଲୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଅନ୍ୟ ପୁଲିସ ଅଫିସର୍ଙ୍କ ମଧ୍ୟରେ ଏସଆଇ ଚିରଞ୍ଜିବୀ ରାଉତ, ଏଏସଆଇ ଭଗବାନ ଦାସ, ଏଏସଆଇ ଧୀରେନ୍ଦ୍ର ସାମଲ ପ୍ରମୁଖ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉରେ ସାମିଲ୍ ଥିଲେ। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଜଳେଶ୍ୱର ସହର ବାସିନ୍ଦା ଅଧିକ ଥିବା ବେଳେ ନାମ୍ପୋ ଓ ପଶ୍ଚିମବଙ୍ଗର ବ୍ୟକ୍ତି ସାମିଲ୍ ଥିବା ଜଣାପଡିଛି। ଜଳେଶ୍ୱର ଧଳା ଜହର କାରବାରରେ ଅପଖ୍ୟାତି ମୁଣ୍ଡାଇଥିବା ବେଳେ ବ୍ୟାପକ ଜୁଆ ଖେଳ ଯୁବପିଢ଼ିଙ୍କୁ ବିପଥଗାମୀ କରାଉଥିବା ଅଭିଯୋଗ ହେଉଛି।

# କବି ବଂଶୀଧର ଚୌଧୁରୀଙ୍କ ଦେହାନ୍ତ



ବାଲେଶ୍ୱର, ୯।୧୨(ସମିସ): 'ଲାଲପତ୍ର ସବୁଜ ସକାଳେ', 'ନକ୍ସା' ତିଆରି କରି 'ରକ୍ତାକ୍ତ ନୀଳଜହ୍ନ'ରେ ଯିଏ 'ଚଷା ପୁଅ କୁଜ'ର 'ଚିତ୍ରାଙ୍କନ କରି 'ଗୁମସୁମ ଗୁମଡୁହା'ରେ 'ପକ୍ଷୀ ଗାଉଥାଉ ଗୀତ'ର 'ଧୂନ' ସୃଷ୍ଟି କରି ଏକ ସବୁଜ ପୃଥିବୀର ପରିକଳ୍ପନା କରିଥିଲେ, ସେଇ ମାନବବାଦୀ କବି ଡକ୍ଟର ବଂଶୀଧର ଚୌଧୁରୀଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ଡକ୍ଟର ଚୌଧୁରୀ ଏକାଧାରରେ ଜଣେ କବି, ପ୍ରାବନ୍ଧିକ ଏବଂ ଆଲୋଚକ ଭାବେ ସମଗ୍ର ରାଜ୍ୟରେ ବେଶ ଲୋକପ୍ରିୟତା ଅର୍ଜନ କରିଥିଲେ। ଭ୍ରମଣ ସାହିତ୍ୟ ଉପରେ ଗବେଷଣା କରି ସର୍ବପ୍ରଥମ ପିଏଚଡି ହାସଲ କରିଥିଲେ ସେ। ନୀଳଗିରି, ରୁପ୍ସା ମହାବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ ଭାବେ କାର୍ଯ୍ୟ କରି ବାଲେଶ୍ୱର ମହିଳା କଲେଜରୁ ୨୦୧୬ ମସିହାରେ ଅବସର ଗ୍ରହଣ କରି ସେ ମେଘଡମ୍ବରୁସ୍ଥିତ ତାଙ୍କ ନିଜ ଘରେ ସାହିତ୍ୟ ସାଧନାରେ ଥିଲେ। ଗତ କିଛି ମାସ ଧରି ସେ ସ୍ୱାସ୍ଥ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଏଇ ରୋଗରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଆସୁଥିଲା ବେଳେ ହଠାତ ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କର କନିଷ୍ଠା କନ୍ୟା ରୁପାଲୀ ଚୌଧୁରୀ, ପତ୍ନୀ ସବିତା କୁଣ୍ଡୁ, ସାନ ଭାଇ ଏବଂ ବନ୍ଧୁ ଆତ୍ମୀୟମାନେ ଉପସ୍ଥିତ ଥିଲେ। ସ୍ୱର୍ଗତଃ ଚୌଧୁରୀଙ୍କ ମର ଶରୀରକୁ ଶେଷ ଦର୍ଶନ ନିମନ୍ତେ ବାଲେଶ୍ୱରର ବହୁ ଅଧ୍ୟାପକ, ବୁଦ୍ଧିଜୀବୀ, ସମାଜସେବୀ, ସାହିତ୍ୟିକ, ରାଜନେତା ଉପସ୍ଥିତ ରହି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ତାଙ୍କର ଶେଷ କୃତ୍ୟ କବିଙ୍କ ଇଚ୍ଛାନୁସାରେ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ କରାଯାଇଛି। ବଂଶୀଧର ଚୌଧୁରୀଙ୍କ ଅକାଳ ବିୟୋଗରେ ବାଲେଶ୍ୱରରେ ଶୋକର ଛାୟା ଖେଳିଯାଇଛି।

# ଜଳେଶ୍ୱରକୁ ଜିଲ୍ଲା ଘୋଷଣା ଦାବି



**ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲା ସମାଜ କଲ୍ୟାଣ ବିକାଶ ପରିଷଦ**

ଜଳେଶ୍ୱର, ୯।୧୨ (ସମିସ) : ଭୋଗରାଇ, ବାଲିଆପାଳ, ବସ୍ତା ଓ ମୟୂରଭଞ୍ଜର ବୈଶିଙ୍ଗା ଅଞ୍ଚଳକୁ ନେଇ ପ୍ରସ୍ତାବିତ ଜଳେଶ୍ୱରକୁ ଜିଲ୍ଲା ଘୋଷଣା ନେଇ ସମାଜ କଲ୍ୟାଣ ବିକାଶ ପରିଷଦ ସଂଗଠନ କ୍ରିୟାଶୀଳ ହୋଇଛି। ଜଳେଶ୍ୱରକୁ ଜିଲ୍ଲା ଘୋଷଣା ନେଇ ସମସ୍ତ ପ୍ରକାର ଭିତ୍ତିଭୂମି ରହିଥିବା ବେଳେ ଜିଲ୍ଲା ଘୋଷଣା ହେଲେ ପ୍ରଶାସନିକ ତ୍ୱରିତ୍ ସେବା, ବିପର୍ଯ୍ୟୟ ପରିଚାଳନା, ନିଶା କାରବାର, ଖଣିଜ ଦ୍ରବ୍ୟର ପରିଚାଳନା, ସୀମା ସୁରକ୍ଷା, ଅନୁପ୍ରବେଶ, ତଟ ସୁରକ୍ଷା, ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ସମ୍ଭାଳିବା ସମ୍ଭବ ହେବ ବୋଲି ପରିଷଦ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଏହି ସନ୍ଦର୍ଭରେ ପରିଷଦର ସମ୍ପାଦକ ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ରାମଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ମଙ୍ଗଳବାର ପୂର୍ବାହ୍ନରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ଏକ ସ୍ମାରକପତ୍ର ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ରଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ଉପସଭାପତି ଡ. ଅଜିତ ମହାନ୍ତି, ସହ ସମ୍ପାଦକ ଅବନୀ ଚାନ୍ଦ, ବରିଷ୍ଠ ସଦସ୍ୟ ଅଞ୍ଜନ ଦେ, ସଦସ୍ୟ ପ୍ରଦୀପ୍ତ କିଶୋର ଚାନ୍ଦ ପ୍ରମୁଖ ଉପସ୍ଥିତ ହୋଇ ଜଳେଶ୍ୱର ବାସୀଙ୍କ ସ୍ୱାର୍ଥ ସମ୍ପର୍କରେ ମନ୍ତ୍ରୀଙ୍କୁ ସବିଶେଷ ଅବଗତ କରାଇଥିଲେ।

# ରକ୍ତଦାନ ଶିବିର, ୨୫ ୟୁନିଟ୍ ସଂଗୃହୀତ



ଭୋଗରାଇ, ୯।୧୨(ସମିସ): ଭୋଗରାଇ ବ୍ଲକ ଦେଉଳା ପଞ୍ଚାୟତ ଶୁଆଶୁଣି ଗ୍ରାମର ୩୩ ନଂ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନାଙ୍କ ବାପା ପୁରୁଷୋତ୍ତମ ଜେନାଙ୍କ ଦ୍ୱିତୀୟ ଶ୍ରଦ୍ଧା ବାର୍ଷିକୀରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭୋଗରାଇ ଏଲଆଇସି ସାଟେଲାଇଟ ଅଫିସର ଶାଖା ପରିଚାଳକ ବୀରେନ୍ଦ୍ର ଖଟୁଆ ଶିବିରକୁ ଉଦଘାଟନ କରିଥିଲେ। ଅତିଥିଭାବେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସ୍ୱର୍ଗତ ଶ୍ରୀ ଜେନାଙ୍କ ଧର୍ମପତ୍ନୀ ବାସନ୍ତୀ ଜେନା, ପୁତ୍ରବଧୂ ଶିବାନୀ ଜେନା, ଝିଅ ମିନତୀ ଗିରି, ସୁମତୀ ପାତ୍ର, ଜ୍ୱାଇଁ ଗୌତମ ଗିରି, ଶରତ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ହୋଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଡାକ୍ତର ଉତ୍ତର ଦଣ୍ଡପାଟ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା ବେଳେ ଜିଲ୍ଲା ରକ୍ତ ଭଣ୍ଡାର ପକ୍ଷରୁ ରକ୍ତ ସଂଗ୍ରହ ହୋଇଥିଲା। ଏହି ଶିବିରରେ ୨୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶୁଭଶ୍ରୀ ଦାସ, ସୁଧାଂଶୁ ଦାସ, ଜୟନ୍ତୀ ଦାସ, ବିପିନ୍ କର, କାଜଲ ଲତା କର, ସଞ୍ଜୁଲତା ଜେନା, ବିଜୟ ଜେନା, ବିଶ୍ୱବିଜୟୀ ଜେନା, ବିଜୟ ଜେନା, ସଞ୍ଜୀବ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏକମାତ୍ର ପୁତ୍ର ସନ୍ତୋଷ କୁମାର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

# ଭୋଳେଶ୍ୱର ଜନାର୍ଦ୍ଦନ ଉଚ୍ଚ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା



ସୋର, ୯।୧୨(ସମିସ): ସୋର ବ୍ଲକ ମଙ୍ଗଳପୁର ଭୋଳେଶ୍ୱର ଜନାର୍ଦ୍ଦନ ଉଚ୍ଚ ନୋଡାଲ ବିଦ୍ୟାପୀଠରେ ୬୪ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ବାର୍ଷିକ କ୍ରୀଡ଼ା ଉତ୍ସବ ଦୁଇ ଦିନ ଧରି ଚାଲୁ ରହିବ। ଏଥିରେ କୃତି ଛାତ୍ରଛାତ୍ରୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ ବୋଲି ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଆଜି ସକାଳେ ବିଦ୍ୟାଳୟର ଛାତ୍ରଛାତ୍ରୀ ମଙ୍ଗଳପୁର ଶିବ ମନ୍ଦିରରେ କ୍ରୀଡା ମଶାଲ ଶୋଭାଯାତ୍ରାକୁ ଅବସରପ୍ରାପ୍ତ ଶିକ୍ଷକ କିଶୋରୀ ମୋହନ ରଥ ଶୁଭାରମ୍ଭ କରିଥିଲେ। ପରେ ଏହି କ୍ରୀଡ଼ା ଉତ୍ସବକୁ ଗୋପୀନାଥପୁର ସରପଞ୍ଚ ବନିତା ପଣ୍ଡା ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ପାଢ଼ୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ କୁମାର ମହନ୍ତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସବୁ ପ୍ରତିଯୋଗିତା ଭାଗ ନେବା ଏବଂ ହାରିବା ହଉ ଜିତିବା ଆମେ ଚେଷ୍ଟା ଜାରି ରଖିବା ସହିତ ଆଗାମୀ ଜାନୁଆରୀ ୨୩ ରୁ ୨୫ ପର୍ଯ୍ୟନ୍ତ ହେବାକୁ ଥିବା ହୀରକ ଜୟନ୍ତୀ ଉତ୍ସବ ପାଇଁ ଏବେକାର ଛାତ୍ରଛାତ୍ରୀ ମାନଙ୍କୁ ଅଂଶ ଗ୍ରହଣ ପାଇଁ ମତବ୍ୟକ୍ତ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା ଅଧକ୍ଷତା କରିବା ସହିତ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଜଗନ୍ନାଥଙ୍କ ପାଖରେ ପ୍ରାଥନା କରିଥିଲେ। ସମ୍ମାନିତ ଅତିଥି ଭାବେ ମଦନମୋହନ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତପନ କୁମାର ପଣ୍ଡା କୃତି ଛାତ୍ରଛାତ୍ରୀଙ୍କୁ କ୍ରୀଡା ର ଉପକାରିତା ସମ୍ପର୍କ ରେ ମତ ପ୍ରକାଶ କରିଥିଲେ। ଏସଏମସି ସଭାପତି ପ୍ରତାପ ଚନ୍ଦ୍ର ସାହୁ, ଅଜିତ କୁମାର ଦାସ, ଚିତ୍ତରଞ୍ଜନ ସିଂ, ସସ୍ମିତା ନାୟକ, ଶୁଭଶ୍ରୀ ବିଶ୍ୱାଳ, ଲାବଣ୍ୟ ମଲିକ, ଶୁଭଶ୍ରୀ ମହାନ୍ତି, ମନ୍ଦାକିନୀ ଦାସ, ମମତା ମହାନ୍ତି, ଗୋପବନ୍ଧୁ ମହଲା, ସୌମ୍ୟରଞ୍ଜନ ପ୍ରଧାନ ଏବଂ କରୁଣାକର ବେହେରା ସହଯୋଗ କରିଥିଲେ। ଖେଳଶିକ୍ଷକ ଅଞ୍ଜନ କୁମାର ଜେନା ଖେଳ ପରିଚାଳନା କରିଥିଲେ।

# ଡଗରପଡାରେ ଖଇରା ବ୍ଲକସ୍ତରୀୟ ବିଜ୍ଞାନ ମେଳା



**୧୨୨ ପ୍ରକଳ୍ପ ପ୍ରଦର୍ଶନ କଲେ କୁନି ବୈଜ୍ଞାନିକ**

ଖଇରା, ୯ ।୧୨ (ସମିସ): ଖଇରା ବ୍ଲକ ଅଧୀନ ଡଗରପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଦିନ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇ ଯାଇଛି। ବିଭିନ୍ନ ବିଦ୍ୟାଳୟରୁ ଜୁନିୟର ଓ ସିନିୟର ସ୍ତରରେ ୧୨୨ କୁନି ବୈଜ୍ଞାନିକ ନିଜ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଖଇରା ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟ ରଶ୍ମିତା ମହାପାତ୍ର, ସ୍ଥାନୀୟ ସରପଞ୍ଚ ରତ୍ନାକର ଦଳେଇ, ସମିତି ସଭ୍ୟ ବିମ୍ବାଧର ଦଳେଇ, ଏସଏମସି ସଭାପତି କୃତିବାସ ଜେନା, ବିଜ୍ଞାନ ସଂଯୋଜକ ଜୟନ୍ତ କୁମାର ପଣ୍ଡା, ସିଆରସିସି ନିରଞ୍ଜନ ନାୟକ, ଚନ୍ଦ୍ରମଣି ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ବିଚାରକ ନିରଞ୍ଜନ ନାୟକ, ଅଜୟ କୁମାର ପାଢୀ, ଦିଲ୍ଲୀପ ଜେନା ଓ ଦିଲ୍ଲୀପ ରଥଙ୍କ ଦ୍ୱାରା ପ୍ରକଳ୍ପ ମୂଲ୍ୟାୟନ କରାଯାଇଥିଲା। ପରେ ପ୍ରଧାନଶିକ୍ଷୟିତ୍ରୀ ରାଧାମଣୀ ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ଉଦଯାପନୀ ସଭାରେ ସହଗୋଷ୍ଠୀ ଶିକ୍ଷାଧିକାରୀ ମାଣିକ ମିଶ୍ର ଓ ଶିକ୍ଷକ ସଂଘର କର୍ମକର୍ତ୍ତା ଅତିଥି ଭାବେ ଯୋଗ ଦେଇ ଜିଲାସ୍ତରକୁ ମନୋନୀତ ହୋଇଥିବା ୨୭ କୁନି ବୈଜ୍ଞାନିକଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସମସ୍ତ ସିଆରସିସି, ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର କର୍ମଚାରୀ, ଡଗରପଡା ହାଇସ୍କୁଲର ଶିକ୍ଷୟତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ୧୪ରେ ଶ୍ରୀଅରବିନ୍ଦ ଶ୍ରୀତନୁ ସ୍ମାରକୀ ପ୍ରତିଷ୍ଠା ମହୋତ୍ସବ

ଜଳେଶ୍ୱର, ୯।୧୨ (ସମିସ): ବର୍ତ୍ତନାସ୍ଥିତ ଶ୍ରୀଅରବିନ୍ଦ ଭବନ ପରିସରରେ ଶ୍ରୀଅରବିନ୍ଦଙ୍କ ଶ୍ରୀତନୁ ସ୍ମାରକୀ ପ୍ରତିଷ୍ଠା ମହା ମହୋତ୍ସବ ଆସନ୍ତା ୧୪ତାରିଖରେ ଅନୁଷ୍ଠିତ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଶ୍ରୀଅରବିନ୍ଦଙ୍କ ଶ୍ରୀତନୁ (ଦେହାଂଶ) ପଣ୍ଡିଚେରୀ ଆଶ୍ରମରୁ ଅଣାଯାଇ ମାଣିତ୍ରୀ ଆଶ୍ରମ ପରେ ଭେଲୋରାସ୍ଥିତ ଯୋଗ ମନ୍ଦିରରେ ରଖାଯାଇ ଉକ୍ତ ଦିନ ବନ୍ଦେ ମାତରମ ଗାନ କରି ଏକ ବାଇକ୍ ଶୋଭାଯାତ୍ରାରେ ବର୍ତ୍ତନା ପର୍ଯ୍ୟନ୍ତ ଅଣାଯିବା ସହିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀଙ୍କ ଦ୍ୱାରା ମାର୍ଚ୍ଚଫାଷ୍ଟ ଅଭିବାଦନ କରାଯାଇ ଶ୍ରୀତନୁକୁ ପ୍ରତିଷ୍ଠା କରାଯିବ। ତତ୍‌ପରେ ସାମୁହିକ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ର ଅଧକ୍ଷ ସନ୍ଦିପ ସାମଲ, ଆନନ୍ଦମୟୀ ପାଠଚକ୍ର ଟ୍ରଷ୍ଟର ସଂପାଦକ ଅର୍ଚ୍ଚନା ସାମଲ, ସଦସ୍ୟ।

# ସରସ୍ୱତୀ ଶିଶୁ ମନ୍ଦିରରେ ସପ୍ତ ଶକ୍ତି ସଙ୍ଗମ କାର୍ଯ୍ୟକ୍ରମ



ଖଇରା, ୯ ।୧୨ (ସମିସ): ଖଇରାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ନଟାପଡା ଛକରେ ଥିବା ସରସ୍ୱତୀ ଶିଶୁ ମନ୍ଦିରରେ ସମସ୍ତ ଅଭିଭାବିକାଙ୍କୁ ନେଇ ମଙ୍ଗଳବାର ଦିନ ସପ୍ତଶକ୍ତି ସଙ୍ଗମ ବା ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସହ ପ୍ରଧାନ ଆଚାର୍ଯ୍ୟା ଅହଲ୍ୟା ପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜ ବିଜ୍ଞାନ ଅଧ୍ୟାପିକା ଦେବବ୍ରତୀ ଦାସ ମୁଖ୍ୟଅତିଥି, ଗଡପୋଖରୀ ଶିଶୁ ମନ୍ଦିରର ପ୍ରଧାନଆଚାର୍ଯ୍ୟା ସରସ୍ୱତୀ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାରୀ ମାନଙ୍କ ମଧ୍ୟରେ ଥିବା ସପ୍ତ ଶକ୍ତି କିର୍ତ୍ତୀ, ଶ୍ରୀ, ବାଣୀ, ସ୍ମୃତି, ମେଧା, ଧୃତି ଓ କ୍ଷମା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ବିଶିଷ୍ଟ ମହିଳା ସଙ୍ଗଠକ କୁଞ୍ଜଲତା ମାହୁନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସବିତା ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପରେ ମା ମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ମାତୃ ମଣ୍ଡଳୀ ସପ୍ତଶକ୍ତିର ବିକାଶ ପାଇଁ ଶପଥ ନେଇଥିଲେ। ବଳରାମ ଲେଙ୍କା, ପଙ୍କଜ ମହାନ୍ତି, ପ୍ରଭାକର ଓଝା, ସୁବ୍ରତ ସାହୁ, ଡମ୍ବରୁ ଜେନା, ମିତା ପାତ୍ର, ମଧୁସ୍ମିତା ଜେନା, ସ୍ମୃତିରେଖା ପ୍ରଧାନ, ରଶ୍ମିତା ଲେଙ୍କା, ବବିତା ପାଣିଗ୍ରାହୀ, ବାସନ୍ତୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ସୟଦ ବୁଖାରୀ ବାବାଙ୍କ ବାର୍ଷିକ ଉତ୍ସବ



ଲଙ୍ଗଳେଶ୍ୱର, ୯।୧୨(ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଗଞ୍ଜା ସ୍ଥିତ ସୟଦ ବୁଖାରୀ ସାହା ପୀର ବାବାଙ୍କ ପୀଠରେ ପୀର ବାବାଙ୍କ ୭୨ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତାଧିକ ମୁସଲିମ ସମ୍ପ୍ରଦାୟର ଲୋକେ ଏକତ୍ରିତ ହୋଇ ଲଙ୍ଗଳେଶ୍ୱର ବଜାର ନିକଟରୁ ଗଞ୍ଜା ପର୍ଯ୍ୟନ୍ତ ଚାଦର ଶୋଭାଯାତ୍ରା କରିବା ପରେ ସନ୍ଧ୍ୟାରେ ଗଞ୍ଜାସ୍ଥିତ ସୟଦ ବୁଖାରୀ ବାବାଙ୍କ ପୀଠରେ ଜଲସା କାର୍ଯ୍ୟକ୍ରମ ଏବଂ ଧାର୍ମିକ ସଭା ଅନୁଷ୍ଠିତ ହୋଇ ଥିଲା। ଅନୁଷ୍ଠାନର ସଭାପତି ରଜାକ ଶା, ଗନିରୁଦ୍ଦିନ ଶା, ମୟିରୁଦ୍ଦିନ ଶା, ଇନୁସୁଦ୍ଦିନ ଶା, ରସିଦ୍ ଶା, ରୟୀସୁଦ୍ଦିନ ଶା, ଶେଖ୍ କାଲା, ଶେଖ୍ ଓକିଲ ପ୍ରମୁଖ ପରିଚାଳନା କରିଥିବା ବେଳେ ମହାରାଷ୍ଟ୍ର ରୁ ଅବଦୁଲ ମୁସ୍ତାଫା ନୁରୀ ଏବଂ ଉତ୍ତର ପ୍ରଦେଶରୁ ଅହମ୍ମଦ ରେଜାନୁରୀ ଯୋଗଦେଇ ଧାର୍ମିକ ପ୍ରବଚନ ଦେଇଥିଲେ।

## କଂଗ୍ରେସର ଜୋନ୍‌ସ୍ତରୀୟ ସାଂଗଠନିକ ବୈଠକ

ଭୋଗରାଇ, ୯।୧୨(ସମିସ): ଭୋଗରାଇ ବ୍ଲକର ଦେଉଳା ପଞ୍ଚାୟତ ଶୁଆଶୁଣି ଗ୍ରାମର ୩୩ ନମ୍ବର ଜୋନର ଜିଲ୍ଲାପରିଷଦ ସଭ୍ୟ ସନ୍ତୋଷ କୁମାର ଜେନାଙ୍କ ବାସଭବନରେ କଂଗ୍ରେସର ଜୋନ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ପରିଷଦ ଶ୍ରୀ ଜେନା, ନାରୀନେତ୍ରୀ ମୀନାରାଣୀ ସୁର, ମନ୍ଦାରସାହି ସରପଞ୍ଚ ମମତା ସାହୁ, ରାଜେନ୍ଦ୍ର ପଣ୍ଡା, ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଳାଇ ପ୍ରମୁଖ ଉପସ୍ଥିତ ହୋଇ ଦଳର ସାଂଗଠନିକ ସଂପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ୬ ଟି ପଞ୍ଚାୟତର ସମସ୍ତ ସଭାପତି ଓ ନେତୃମଣ୍ଡଳୀ ଯୋଗଦେଇ ଥିଲେ।

# ଜବରଦଖଲରେ ବାସୁଦେବପୁରର ସରକାରୀ ଜାଗା

କାଳିପଦା, ୯।୧୨ (ସମିସ)



ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ବାସୁଦେବପୁର ସରକାରୀ ଜାଗାକୁ କେତେକ ରୋହିଙ୍ଗା ବାଂଲାଦେଶୀ ମୁସଲମାନ ଦୀର୍ଘବର୍ଷ ହେବ ଜବର ଦଖଲ କରି ନେଇଛନ୍ତି। ସେମାନେ ସେହିସବୁ ଜାଗାରେ ଏବେ ସ୍ଥାୟୀ ଗୃହ ନିର୍ମାଣ କରି ରହୁଛନ୍ତି। କେତେକ ସ୍ଥାନୀୟ ରାଜନେତାଙ୍କୁ ହାତ କରି ପ୍ରଶାସନ ଉପରେ ଚାପ ପକାଇ ବେଆଇନ ଭାବେ ଘରବାଡ଼ି ପଟ୍ଟା ହାତେଇବାରେ ଲାଗିଛନ୍ତି। କାହାସ୍ୱାର୍ଥରେ ସେମାନଙ୍କୁ ପ୍ରଶାସନ ଘର ବାଡ଼ି ପଟ୍ଟା ପ୍ରଦାନ କରିଛି, ତାହା ସାଧାରଣରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି। ପୂର୍ବରୁ ଏମାନେ ଏ ଅଞ୍ଚଳରେ ଘର ଭଡା ନେଇ ସାଇକଲରେ ଗାଁ ଗାଁ ବୁଲି କେତେକ ଷ୍ଟେସନାରୀ ସାମଗ୍ରୀ ଫେରିକରି ବିକ୍ରି କରୁଥିଲେ। ଦିନରେ ଫେରି କରୁଥିବା ବେଳେ ରାତିକୁ ସେମାନଙ୍କ ମଧ୍ୟରୁ କେତେକ ଛୋଟ ମୋଟ ଚୋରି ସହ ସମ୍ପୃକ୍ତ ରହୁଥିଲେ। ଏ ନେଇ ଥାନାରେ ମଧ ମାମଲା ହୋଇଛି। ସେମାନଙ୍କ ଦ୍ୱାରା ବିକ୍ରି ସାମଗ୍ରୀକୁ କେନ୍ଦ୍ରକରି ଗଣ୍ଡଗୋଳ ମଧ ସଂଗଠିତ ହୋଇଛି। ଏବେ ସେମାନେ ସ୍ଥାନୀୟ ରାଜନେତା ଓ ପ୍ରଶାସନ ଠାରୁ ସାହସ ପାଇ ବାଇକ ଯୋଗେ ସେହିସବୁ କାର୍ଯ୍ୟ ନିର୍ବିଘ୍ନ ରେ କରୁଛନ୍ତି। ପ୍ରତିଦିନ ଶହ ଶହ ବାଂଲାଦେଶୀ ମୁସଲିମ ବାଲିଆପାଳ ବ୍ଲକରେ ଗାଁ ଗହଳିରେ ଅବାଧରେ ଫେରିକରୁଛନ୍ତି। ଏବେ କେବଳ ବାସୁଦେବ ପୁର ଗ୍ରାମରେ ୫୦ ରୁ ଅଧିକ ପରିବାର ବସବାସ କରୁଛନ୍ତି। ଏ ବାବଦରେ ସରକାରଙ୍କ ନିର୍ଦ୍ଦେଶର ଏଠାରେ ଖୋଲା ଖୋଲି ଉଲ୍ଲଙ୍ଘନ ହୋଇଛି। ବାସୁଦେବପୁର ଗ୍ରାମକୁ ଛାଡି ଏବେ ସେମାନେ ସଂଖ୍ୟାଲଘୁ ବସ୍ତି ମେଣ୍ଟାପଡା, ଗଞ୍ଜା, ବିଶ୍ୱନାଥପୁର, ବଡାଶ, କୁହ୍ଲାଚଢ଼, ବାଲିଆପାଳ, କଟୁଆପଡା, ଖଗଡା ପାଳ, ରତାଇ ଆଦିରେ ବସବାସ କରୁଛନ୍ତି। ଅଧିକାଂଶଙ୍କ ପାଖରେ ଆଧାର କାର୍ଡ ନାହିଁ। କେତେକଙ୍କ ପାଖରେ ଡୁପ୍ଲିକେଟ ଆଧାର କାର୍ଡ ରହିଛି। ବଙ୍ଗୋପ ସାଗର ଉପକୂଳ ଡଗରା, ଚୌମୁଖ, ବେତଗଡିଆ, ରତାଇ, ନୂଆଗାଁ, ପଞ୍ଚୁପାଲି, ଜାମ୍ବୀରାଇ ଆଦିରେ ବହୁ ବାଂଲାଦେଶୀ ରହିଛନ୍ତି। ଅନେକ ସେମାନଙ୍କ ସାଙ୍ଗିଆ, ପଦବୀ ଆଦି ପରିବର୍ତ୍ତନ କରି ରହିଛନ୍ତି। ସେମାନଙ୍କର ଓଡିଶା ଓ ବାଂଲାଦେଶର ଦୁଇ ଆଧାର କାର୍ଡ ରହିଛି। ସରକାର ବାଂଲାଦେଶୀ ମୁସଲମାନମାନଙ୍କୁ ତଡିବା ପାଇଁ ଏବେ କଡା ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ବାସୁଦେବପୁର ଗ୍ରାମରେ ସେମାନେ କେମିତି ସ୍ଥାୟୀ ଭାବରେ ବସବାସ କରି ଘରବାଡି ପଟ୍ଟା ହାତେଇଲେ ତାହାର ଏକ ବିଧିବଦ୍ଧ ତଦନ୍ତ ହେଉ ବୋଲି ଗଣେଶ ଚନ୍ଦ୍ର ବେହେରା, ଲାବଣ୍ୟ କୁମାର ପାତ୍ର, ସୁଜାତା ବେହେରା, ଘନଶ୍ୟାମ ଭୂୟାଁ, ଅଜୟ ପାତ୍ର, ସୁମନ୍ତ ଜେନା, ଚତୁର୍ଭୁଜ କରଣ, ସୁମତି ବିଶ୍ୱାଳ ପ୍ରମୁଖ କହିଛନ୍ତି। ଏ ବାବଦରେ ତହସିଲଦାର କୌଣସି ମତାମତ ଦେବାକୁ ମନା କରି ଦେଇଛନ୍ତି।



## ୨୫ତମ ଆନ୍ତଃମହାବିଦ୍ୟାଳୟ ଆଥଲେଟିକ୍ସ ମିଟ୍



ବାଲେଶ୍ୱର, ୯।୧୨(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ୨୫ତମ ଆନ୍ତଃ-ମହାବିଦ୍ୟାଳୟ ବାର୍ଷିକ ଆଥ୍ଲେଟିକ୍ସ ମିଟ୍ (ପୁରୁଷ ଓ ମହିଳା) ଆରମ୍ଭ ହୋଇଯାଇଛି। ଏହି ଦୁଇଦିନିଆ କାର୍ଯ୍ୟକ୍ରମର ଶୁଭାରମ୍ଭ ୩୦ଟି କଲେଜର ଅଂଶଗ୍ରାହୀମାନଙ୍କ ସମାବେଶ ସହିତ ଆରମ୍ଭ ହୋଇଥିଲା। ପ୍ରତି ମହାବିଦ୍ୟାଳୟ ଖେଳାଳିଙ୍କ ଦ୍ୱାରା ଆକର୍ଷଣୀୟ ମାର୍ଚ୍ଚ୍ ପାଷ୍ଟ ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟଅତିଥି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ପତାକାରୋହଣ ପରେ ଉଦ୍‌ଘାଟନୀ ହୋଇଥିଲା। କ୍ରୀଡା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ଅତିଥିମାନଙ୍କ ପରିଚୟ ସହ ଶୁଭେଚ୍ଛା ଜଣାଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ, ଓ ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ କୁମାର ଅଗରୱାଲା ପ୍ରମୁଖ ଅଂଶଗ୍ରହଣକାରୀ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ତାଙ୍କ ଉଦବୋଧନରେ ସମ୍ପୂର୍ଣ୍ଣ ଶିକ୍ଷା, ଶିଷ୍ଟାଚାର ଓ ଯୁବଶକ୍ତିର ସଶକ୍ତିକରଣରେ କ୍ରୀଡାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାପରେ ଅଂଶଗ୍ରାହୀମାନଙ୍କ ପକ୍ଷରୁ କ୍ରୀଡା ଶପଥ ଗ୍ରହଣ କରାଯାଇଥିଲା, ଯାହା ଫକୀରମୋହନ ବିଶ୍ୱବିଦ୍ୟାଳୟର ଶାରୀରିକ ଶିକ୍ଷା ଅଧିକାରୀ ସଂଗ୍ରାମ ବିଶୋଇ ପାଠ କରାଇଥିଲେ। କ୍ରୀଡା ପରିଷଦ ଉପନିର୍ଦ୍ଦେଶକ ଡ଼କ୍ଟର ଅମିତ କୁମାର ଶର୍ମା ଧନ୍ୟବାଦ ଜ୍ଞାପନ ପ୍ରଦାନ କରି ସମସ୍ତ ଅତିଥି, ଅଂଶଗ୍ରାହୀ, ଶିକ୍ଷକ, କର୍ମଚାରୀ ଓ ସେବକମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଅଭ୍ୟର୍ଥନା କମିଟି ବୈଠକ




ବାଲେଶ୍ୱର, ୯ ।୧୨(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶତବାର୍ଷିକ ଆସନ୍ତା ୧୮ ତାରିଖରେ ସ୍ଥାନୀୟ ସ୍ଥିତ ଗାନ୍ଧିସ୍ମୃତି ଭବନରେ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ମିଳିତ ଭାବେ ଶତବାର୍ଷିକ ସମାରୋହ ଅନୁଷ୍ଠିତ ହେବ। ଏ ନେଇ ଆଜି ଅପରାହ୍ନରେ ଉଠାଜଳ ସେଚନ କର୍ମଚାରୀ ଭବନରେ ଏଥିପାଇଁ ଗଠିତ ଅଭ୍ୟର୍ଥନା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଭ୍ୟର୍ଥନା କମିଟିର ସାଧାରଣ ସମ୍ପାଦକ ତଥା ପାର୍ଟିର ବାଲେଶ୍ୱର ଜିଲ୍ଲା ସମ୍ପାଦକ ଭାଗବତ ପ୍ରତିହାରୀ, ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର ଓ ଭଦ୍ରକ ଜିଲ୍ଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି ନିଜ ଜିଲ୍ଲାସ୍ତରରେ ପ୍ରସ୍ତୁତି ସମ୍ପର୍କରେ ଗୃହିତ କାର୍ଯ୍ୟପନ୍ଥାର ସୂଚନା ପ୍ରଦାନ କରିଥିଲେ। ଆସନ୍ତା ଶତବାର୍ଷିକ ସମାରୋହ ଅବସରରେ ବାଲେଶ୍ୱର ସହରରେ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ଓ ମଧ୍ୟାହ୍ନରେ ସାଧାରଣ ସଭା ଅନୁଷ୍ଠିତ ହେବ। ରାଜ୍ୟ ସମ୍ପାଦକ ଡା. ପ୍ରଶାନ୍ତ ମିଶ୍ର ଓ ସହ ସମ୍ପାଦକ ଜୟନ୍ତ ଦାସ ବୈଠକରେ ଯୋଗଦେଇ ସମାରୋହ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ବାରିକ, ଅନାମ ପ୍ରସାଦ ବାରିକ, ବନ୍ଦନା ବିଶ୍ୱାସ, ପ୍ରଭାତ ମିଶ୍ର, ଶଶୀକାନ୍ତ ପଣ୍ଡା, ଆଶୁତୋଷ ପରିଡ଼ା, ଆଲୋକ ଦାସ, ଜତିନ ପାତ୍ର, ବିଜୟ ସ, ମନୋରଞ୍ଜନ ରାଉତ, ନିରଞ୍ଜନ ଦାସ ଓ ସୁରେନ୍ଦ୍ର ବେହେରା ପ୍ରମୁଖ ନିଜସ୍ୱ ଅଂଚଳରେ ଶତବାର୍ଷିକର ସଫଳତା ପାଇଁ ପ୍ରସ୍ତୁତି ସମ୍ପର୍କରେ ଜଣାଇଥିଲେ। କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।

### ରାତି ଅଧିଆ ଜଳପଥରେ ଚୋରା ଚାଲାଣ ପ୍ରସଙ୍ଗ

# ବୋଟ୍ ମାଲିକଙ୍କୁ ଧରିବାରେ ପୁଲିସ ବିଫଳ

ବାଲେଶ୍ୱର, ୯।୧୨(ସମିସ)

ଜଳପଥରେ ବୋଟ୍ ଥିବା ବେଳେ ସ୍ଥଳ ପଥରେ କଣ୍ଟେନର୍ ପ୍ରସ୍ତୁତ ରହିଥିଲା। ରାତି ଅଧିଆ ଚୋରା ଚାଲାଣ ପାଇଁ ବୋଟ୍‌ରେ ଥିବା ବସ୍ତା ବସ୍ତା ଗୁଆ କଣ୍ଟେନରରେ ଲୋଡ୍ ହେଉଥିଲା। କିଛି ଦିନ ତଳେ ରାତି ଅଧିଆ ଜଳପଥରେ ଚୋରା ଚାଲାଣ ଚାଲିଥିଲା ବସ୍ତା ବସ୍ତା ଗୁଆ। ପଶ୍ଚିମବଙ୍ଗରୁ ଜଳପଥରେ ବୋଟ୍‌ରେ ଆସି ବାଲେଶ୍ୱରରେ କଣ୍ଟେନରରେ ଅନଲୋଡ୍ ହେଉଥିବା ସମୟରେ ଚୋରା କାରବାର ଧରାପଡିଥିଲା। ଏହି ଘଟଣା ଗତ ମାସ ୯ ତାରିଖ ଦିନ ଘଟିଥିଲା। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ଅଭିଯୁକ୍ତ ଏବଂ ସମ୍ପୃକ୍ତ ଅପରାଧୀ ଗିରଫ ହୋଇନାହାନ୍ତି। ବିଧାନସଭାରେ ଏହାକୁ ନେଇ ପ୍ରଶ୍ନ ଉଠିଛି।

ବାହାବଳପୁର ମତ୍ସ୍ୟ ଜେଟି ଦେଇ ବାଙ୍ଗଲାଦେଶରୁ ଅବୈଧ ଭାବେ ବୋଟରେ ଗୁଆ ଚାଲାଣ ହେଉଥିବା କଥା ଜାଣି ସ୍ଥାନୀୟ ପୁଲିସ ସାହାଯ୍ୟରେ ଯେଉଁ କେସ୍ ଏବଂ ଜବତ ହୋଇଥିବା ମାମଲାର ବର୍ତ୍ତମାନ ସ୍ଥିତାବସ୍ଥା କ'ଣ, କେତେ ବୁରା ଅଛି, ଜିଏସଟି କୁ କ'ଣ ପାଇଁ ଏଯାବତ ଏହାର ତଥ୍ୟ ଦିଆଯାଇନାହିଁ; ଅବୈଧ ଚାଲାଣକୁ ନେଇ ପୁଲିସର ଶୀତଳତା କଣ ପାଇଁ ; ଏହା ସହିତ ବୋଟ ମାଲିକ ତଥା ଏହା ସହିତ ଜଡ଼ିତ ଥିବା ଲୋକଙ୍କୁ ଏଯାବତ୍ ଆଇନ ପରିସରଭୁକ୍ତ ନ କରିବାର କାରଣ କଣ ବୋଲି ପ୍ରଶ୍ନ କରାଯାଇଛି। ଯାହାର ଉତ୍ତର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରଖିଛନ୍ତି। ଏହାର ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ବାଲେଶ୍ୱର ଜିଲ୍ଲା କଷାଫଳ ସାମୁଦ୍ରିକ ଥାନା ଦ୍ୱାରା ଗତ ମାସ ୮ ତାରିଖରେ ମା' ଡଙ୍ଗାରୁ ୨୪ ହଜାର ୫୪୦ କିଲୋଗ୍ରାମ ଓଜନର ୪୦୮ ବସ୍ତା ଗୁଆ (ସୁପାରୀ) ଓ 'ପୂଜା' ଡଙ୍ଗାରୁ ୧୫ ହଜାର ୩୬୦ କିଲୋଗ୍ରାମ ଓଜନର ୨୫୬ ବସ୍ତା ଗୁଆ ଜବତ କରାଯାଇ କଷାଫଳ ମେରାଇନ୍ ପୋଲିସ ଷ୍ଟେସନ୍ କେସ୍ ନମ୍ବର ୩୬ ରେ ୧୦ ତାରିଖ ଦିନ ଧାରା ୩୦୩(୨)/୩୧୭ (୨)/୩(୫) ବି.ଏନ୍.ଏସ୍. ପଞ୍ଜୀକୃତ କରାଯାଇଛି। ଜବତ ହୋଇଥିବା ସାମଗ୍ରୀକୁ ଥାନାରେ ଉପଯୁକ୍ତ ନଜରରେ ରଖାଯାଇଛି। ଡେପୁଟି କମିଶନର ସିଟି ଆଣ୍ଡ ଜିଏସଟି ପ୍ରବର୍ତ୍ତନ ୟୁନିଟ୍, ବାଲେଶ୍ୱରକୁ କଷାଫଳ ସାମୁଦ୍ରିକ ଥାନାର ଚିଠି ନମ୍ବର ୧୩୩୩/୨୧ ତାରିଖ ଦିନ ପଠାଇ ଜବତ ଡଙ୍ଗା ଏବଂ ଏଥିରେ ଥିବା ଗୁଆ (ସୁପାରୀ) ମୋଟ ୬୬୫ ବସ୍ତା ଯାଞ୍ଚ କରିବାକୁ ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଏସଟି ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। କଷାଫଳ ସାମୁଦ୍ରିକ ଥାନା ଦ୍ୱାରା "ପୂଜା' ଏବଂ "ମା" ନାମକ ଜବତ ହୋଇଥିବା ଦୁଇଟି ଡଙ୍ଗା ଯାହାର ପଶ୍ଚିମବଙ୍ଗ ପଞ୍ଜୀକରଣ ନମ୍ବର ଅଛି ଏବଂ ଏହି ଦୁଇଟି ଡଙ୍ଗାର ମାଲିକ ସଞ୍ଜିତ ଦାସ, ଅଖାୟାନଗର, କାକଦ୍ୱୀପ, ହାରଉଡ୍ କୋଷ୍ଟାଲ ପୁଲିସ ଷ୍ଟେସନ୍, ଜିଲ୍ଲା-ଦକ୍ଷିଣ ୨୪ ପରଗଣା, ରାଜ୍ୟ- ପଶ୍ଚିମବଙ୍ଗ ଅଟେ। ଗତ ମାସ ୨୨ ତାରିଖରେ ତଦନ୍ତ ସମୟରେ କଷାଫଳ ସାମୁଦ୍ରିକ ଥାନାର ଇନ୍ସପେକ୍ଟର ତାଙ୍କ ଦଳ ସହିତ ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପରଗଣା ଜିଲ୍ଲାର କାକଦ୍ୱୀପକୁ ଯାଇ ଉକ୍ତ ଡଙ୍ଗାର ମାଲିକାନା ସମ୍ପର୍କରେ ଯାଞ୍ଚ କରିଥିଲେ। ମାଲିକ ସଞ୍ଜିତ ଦାସଙ୍କୁ ଖୋଜିବା ପାଇଁ କାକଦ୍ୱୀପ, ହାରଉଡ୍ କୋଷ୍ଟାଲ ପୋଲିସ ଷ୍ଟେସନ୍, ସୁନ୍ଦରବନ ଜିଲ୍ଲା ପ୍ରଶାସନ ଏବଂ କାକଦ୍ୱୀପ ବୋଟ୍ ଆସୋସିଏସନ୍ ସହିତ ସମ୍ପର୍କ କରି ୨ ଟି ଡଙ୍ଗା ଜବତ କରାଯାଇଥିଲା, କିନ୍ତୁ ମାଲିକଙ୍କୁ ଖୋଜିବାରେ ସଫଳତା ମିଳିନଥିଲା। ଏତଦ୍ ବ୍ୟତୀତ କଷାଫଳ ମେରାଇନ ପି.ଏସ୍. କେସ ନମ୍ବର ୩୬ ରେ ଗତ ମାସ ୧୦ ତାରିଖ ବି ଏନ୍ ଏସ୍ ସହିତ ଜଡିତ ସୁପାରୀ ନିଲାମ ପାଇଁ ଜେଏମ ଏଫ୍ ସି (ଗ୍ରାମୀଣ) ବାଲେଶ୍ୱରର କୋର୍ଟରେ ଆବେଦନ କରାଯାଇଛି। ବର୍ତ୍ତମାନ ମାମଲାର ତଦନ୍ତ ଜାରି ରହିଛି। ଅଭିଯୁକ୍ତ ଏବଂ ସମ୍ପୃକ୍ତ ଅପରାଧୀଙ୍କୁ ଗିରଫ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି ବୋଲି ସୂଚନା ଦେଇଛନ୍ତି। ସେଦିନ ସୁପାରି କେଉଁଠାରୁ ଆସୁଥିଲା ଏବଂ କେଉଁଠାକୁ ଯାଉଥିଲା, ଜଳପଥରେ ରାତି ଅଧରେ କାହିଁକି ବେଆଇନ ଚାଲାଣ କରାଯାଉଥିଲା, ଏ ଘଟଣାରେ କାହାର ସମ୍ପୃକ୍ତି ରହିଛି ଏହାର ସମସ୍ତ ତଥ୍ୟ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ।

## ୧୩ରେ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଜାତୀୟ ଲୋକ ଅଦାଲତ

ବାଲେଶ୍ୱର, ୯।୧୨(ସମିସ): ଟିପିଏନ୍‌ଓଡିଏଲ୍ ପକ୍ଷରୁ ଚତୁର୍ଥ ଜାତୀୟ ଲୋକ ଅଦାଲତ ତଥା ସମାଧାନ ଶିବିର ଆସନ୍ତା ଡିସେମ୍ବର ୧୩ ତାରିଖ ଶନିବାର ଦିନ ଡିଭିଜନ, ସବ-ଡିଭିଜନ କାର୍ଯ୍ୟାଳୟ ଏବଂ କଚେରୀ ପରିସରରେ ଅନୁଷ୍ଠିତ ହେବ। ଏଥିରେ ଉପଭୋକ୍ତାମାନେ ଅନଧିକୃତ ବିଦ୍ୟୁତ୍ ବ୍ୟବହାର ଏବଂ ବିଦ୍ୟୁତ୍ ଚୋରି ଆଦି ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନ କ୍ଷେତ୍ରରେ ସହାୟତା ପାଇପାରିବେ। ଏହି ଲୋକ ଅଦାଲତ ସକାଳ ୯ଟା ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାବେଳେ ଉପଭୋକ୍ତାମାନେ ଏ ସମ୍ପର୍କିତ ଅଧିକ ସୂଚନା ଡିଭିଜନ କାର୍ଯ୍ୟାଳୟରେ ପାଇପାଇବେ। ଉପଭୋକ୍ତାମାନେ ଅଧିକ ବିବରଣୀ ପାଇଁ ଆପଣଙ୍କ ନିକଟସ୍ଥ ଟିପିଏନଓଡିଏଲ୍ ଉପଖଣ୍ଡ କିମ୍ବା ଡିଭିଜନ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରି ଏ ସମ୍ପର୍କିତ ସହାୟତା ପାଇ ପାରିବେ। ବର୍ଷର ଅନ୍ତିମ ଲୋକ ଅଦାଲତକୁ ହାତଛଡ଼ା ନକରି ଅନଧିକୃତ ବିଜୁଳି ବ୍ୟବହାର ଏବଂ ବିଦ୍ୟୁତ୍ ଚୋରି ଆଦି ସହିତ ଜଡିତ ପ୍ରବର୍ତ୍ତନ ମାମଲାଗୁଡିକର ସମାଧାନ ପାଇଁ ନିକଟସ୍ଥ ବିଦ୍ୟୁତ୍ ଉପଖଣ୍ଡ/ଡିଭିଜନ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଟିପିଏନଓଡିଏଲ ପକ୍ଷରୁ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ବିଦ୍ୟୁତ୍ ଚୋରିରୁ ନିବୃତ ରହିବାକୁ ମଧ ଉପଭୋକ୍ତାମାନଙ୍କୁ ଟିପିଏନଓଡିଏଲ ପରାମର୍ଶ ଦେଇଛି।

TPNODL
ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

## ମା' ଅନ୍ନପୂର୍ଣ୍ଣା ସାର୍ଭ ସୋସାଇଟି ପକ୍ଷରୁ ସହାୟତା



ଚନ୍ଦନେଶ୍ୱର, ୯।୧୨ (ସମିସ): ଭୋଗରାଇ ବ୍ଲକ ରସଲପୁର ପଞ୍ଚାୟତ ଅନ୍ତର୍ଗତ ରସଲପୁର ଗ୍ରାମରେ ମା' ଅନ୍ନପୂର୍ଣ୍ଣା ସାର୍ଭ ସୋସାଇଟି ଦ୍ୱାରା ଉକ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମର ୬ ଜଣ ଅସହାୟା ବିଧବା ଚାଷୀଙ୍କୁ ୫ କିଲୋଗ୍ରାମ ଲେଖାଏଁ ଉନ୍ନତ ମାନର କିସମର ବିହନ ମାଗଣା ପ୍ରଦାନ କରିଥିଲେ। ଏଥିରେ ସୋସାଇଟିର ସଭାପତି ସୁଶାନ୍ତ କୁମାର ପରିଡା, ସମ୍ପାଦକ ମନୋଜ କୁମାର ପଣ୍ଡା, କୋଷାଧ୍ୟକ୍ଷ ଲମ୍ବୋଦର ଜେନାଙ୍କ ସହିତ ପ୍ରଶାନ୍ତ ଜେନା, ଯଦୁନାଥ ଜେନା, ପବନ ପାତ୍ର, ଶମ୍ଭୁ ନାଥ ମଣ୍ଡଳ ଇତ୍ୟାଦି ଉପସ୍ଥିତ ଥିଲେ।

## ଶିକ୍ଷକଙ୍କ ଆନ୍ଦୋଳନ; ବିଦ୍ୟାଳୟରେ ପାଠପଢ଼ା ଠପ୍

ବାଲେଶ୍ୱର, ୯ ।୧୨(ସମିସ): ରାଜଧାନୀ ରାଜରାସ୍ତାରେ ଏବେ ଶିକ୍ଷକ। ଶିକ୍ଷକମାନେ ସେମାନଙ୍କର ନ୍ୟାଯ୍ୟ ଦାବି ପୂରଣ ପାଇଁ ଆନ୍ଦୋଳନ କରୁଥିବା ବେଳେ ପିଲାମାନଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଝାଡେଶ୍ୱର ପ୍ରାଥମିକ ବିଦ୍ୟାଳୟରେ। ରାଜଧାନୀ ରାଜରାସ୍ତାରେ ଶିକ୍ଷକଙ୍କ ଆନ୍ଦୋଳନ ପାଇଁ ଏବେ ସ୍କୁଲରେ ଶିକ୍ଷକମାନଙ୍କ ଖାଲି ପଡିଛି। ଶିକ୍ଷକମାନେ ସେମାନଙ୍କର ଦାବି ପୂରଣ କରିବା ପାଇଁ ରାଜରାସ୍ତାକୁ ଓହ୍ଲାଇ ଥିବା ବେଳେ ଏବେ ବିଭିନ୍ନ ସ୍କୁଲମାନଙ୍କରେ ଶିକ୍ଷକମାନଙ୍କ ସ୍ଥାନ ଖାଲିପଡ଼ିଛି। ଏହାରି ମାଧ୍ୟମରେ ସହରର ଝାଡେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ଏଭଳି କିଛି ଦେଖିବାକୁ ମିଳିଛି। ବିଦ୍ୟାଳୟରେ ଛାତ୍ରଛାତ୍ରୀ ଥିବା ବେଳେ ଶିକ୍ଷକ ନାହାନ୍ତି। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସାରମଣୀ ପ୍ରାମାଣିକ କହିଛନ୍ତି ଯେ, ବିଦ୍ୟାଳୟରେ ଶିଶୁ ବାଟିକା ଠାରୁ ଆରମ୍ଭ କରି ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଏଠାରେ ପିଲା ପାଠ ପଢୁଛନ୍ତି। କିନ୍ତୁ ଶିକ୍ଷକ ନାହାନ୍ତି। ଯେଉଁ ଶିକ୍ଷକମାନେ ଅଛନ୍ତି ସେମାନେ ବଡ ପିଲାମାନଙ୍କ ଶ୍ରେଣୀ କରୁଛନ୍ତି। ଏପରିକି ବିଦ୍ୟାଳୟରେ ମୋଟ ୪ଜଣ ଶିକ୍ଷକ ଥିବା ବେଳେ ଜଣେ ଛୁଟିରେ ଥିବା ଅନ୍ୟ ତିନି ଜଣ ବଡ ଶ୍ରେଣୀର ପିଲାମାନଙ୍କର କ୍ଲାସ କରୁଛନ୍ତି। ଏହାଛଡା ଯେଉଁ ଶିକ୍ଷକମାନେ ଆନ୍ଦୋଳନକୁ ଯାଇଛନ୍ତି ସେମାନେ ପିଲାମାନଙ୍କ ଭିବଷ୍ୟତକୁ ଆଖି ଆଗରେ ରଖି ପର୍ଯ୍ୟାୟକ୍ରମେ ଆନ୍ଦୋଳନରେ ସାମିଲ ହେଉଛନ୍ତି ବୋଲି କହିଛନ୍ତି। ଏ ନେଇ ଛାତ୍ର ଲଳିତ ସାହୁ କହିଛନ୍ତି ଯେ, ଆଜି ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀ ରହିଛନ୍ତି। ଆମମାନଙ୍କୁ ପଢ଼ାଇବା ପାଇଁ କୌଣସି ଶିକ୍ଷକ ନଥିବା ବେଳେ ଆମେ ନିଜେ ବହି ଖୋଲି ପାଠ ପଢୁଛୁ।

## ବ୍ୟାସୋତ୍ସବ ଉଦ୍‌ଯାପିତ



ବାଲେଶ୍ୱର, ୯।୧୨(ସମିସ): ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବର ଉଦ୍‌ଯାପିତ ହୋଇଛି। ନାଟ୍ୟ ପରିଷଦ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆରକ୍ଷୀ ଉପ ନିରୀକ୍ଷକ, ପୂର୍ବାଞ୍ଚଳ ଜୋନ ପିନାକ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ, ଡି ଆର୍ ଡି ଓ ର ଉପ ନିର୍ଦ୍ଦେଶକ ସାଏଦ ମୂର୍ଷିଦ୍ ଅଲ୍ଲୀ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର କୁକୁମିନା ଦାସ ଯୋଗ ଦେଇଥିଲେ।। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଯୋଗ ଦେଇ ନିଜର ବହୁମୂଲ୍ୟ ମାର୍ଗ ଦର୍ଶନ ଦେଇଥିଲେ। ସଭାପତିତ୍ୱ କରିଥିଲେ ଅଧ୍ୟକ୍ଷ ପ୍ରଦୀପ କୁମାର ରଣା। ନାଟ୍ୟ ପରିଷଦର ଉପସଭାପତି ଡ. ସୋନାଲିସା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଡ. ବୈଶାଳିନୀ ପଣ୍ଡା ଓ ଲକ୍ଷ୍ମୀନାରାୟଣ ନାୟକ ମଞ୍ଚ ପରିଚାଳନା କରିଥିଲେ।। ଅଧ୍ୟାପିକା ଅପର୍ଣ୍ଣା ସେଠୀ, ଶାଶ୍ୱତୀ ଦାସ ମହାପାତ୍ର, ବନିତା ମାଝୀ ପୁରସ୍କାର ବିତରଣ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ମୀନା କୁମାରୀ ସାମଲଙ୍କ ନିର୍ଦ୍ଦେଶିତ ଓ ଅଧ୍ୟାପକ ପିତାମ୍ବର ବେହେରାଙ୍କ ସହ ନିର୍ଦ୍ଦେଶିତ ନର ଦେହେ ନାରାୟଣ ନାଟକ ମଞ୍ଚସ୍ଥ ହେଇଥିଲା। ପ୍ରତିଷ୍ଠିତ କଣ୍ଠଶିଳ୍ପୀ ସତ୍ୟବ୍ରତ ଜେନା ଓ ମହେନ୍ଦ୍ର ପ୍ରତାପ ଜେନା ଏହି ଉତ୍ସବରେ ଯୋଗ ଦେଇ ପିଲାଙ୍କ ମନ ଜିତିଥିଲେ। ରାମ୍ପ ୱାକ୍ ପିଲାଙ୍କ ମଧ ରେ ମୁଖ୍ୟ ଆକର୍ଷଣ ସାଜିଥିଲା। ଅଧ୍ୟାପକ ସୁଜିତ୍ ଦାସ ଧନ୍ୟବାଦ୍ ଦେଇଥିଲେ।

## ଜିଲ୍ଲାସ୍ତରୀୟ ଉର୍ଜା ମହୋତ୍ସବ






ବାଲେଶ୍ୱର, ୯।୧୨(ସମିସ)

ଜିଲ୍ଲାସ୍ତରୀୟ ଉର୍ଜା ମହୋତ୍ସବ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପରେ ଅଭୂତପୂର୍ବ ସଫଳତା ସହ ଆୟୋଜିତ ହୋଇଯାଇଛି। ଟିପିଏନଓଡିଏଲ ଏବଂ ବିକାଶ ସାଥୀ ସଂଗଠନ ସମର୍ଥନରେ ଆୟୋଜିତ ଏହି ମହୋତ୍ସବରେ ବିଭିନ୍ନ ପ୍ରାନ୍ତରୁ ୩୭ ବିଦ୍ୟାଳୟରୁ ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଭାଷଣ, ରଚନା, କୁଇଜ୍, ଚିତ୍ରାଙ୍କନ ଏବଂ ବୈଜ୍ଞାନିକ ପ୍ରଦର୍ଶନୀ ଭଳି ବିଭିନ୍ନ ପ୍ରତିଯୋଗିତା ଛାତ୍ରମାନଙ୍କର ଦକ୍ଷତା ଓ ଉର୍ଜା ସଞ୍ଚୟ ପ୍ରତି ସଚେତନତାକୁ ଉଦ୍‌ଭାସିତ କରିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟିପିଏନଓଡିଏଲର ଚିଫ୍ ଅଫ୍ କଣ୍ଟ୍ରାକ୍ଟ ପ୍ରଦୀପ ମହାନ୍ତି ଯୋଗଦେଇ ପିଲାମାନଙ୍କୁ ଉର୍ଜା ସଞ୍ଚୟ ଓ ପୁନର୍ନବନୀୟ ଶକ୍ତିର ଗୁରୁତ୍ୱ ବିଷୟରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ କେକେଏସ କଲେଜର ପ୍ରିନ୍ସିପାଲ୍ ଡ଼. ଝାନ୍ସି ଜେନା ଓ ଡ଼. ଶୁଭାସ୍ମିତା ମିଶ୍ର ଅଂଶଗ୍ରହଣ କରିଥିଲେ। ଟିପିଏନଓଡିଏଲ ସି ଏସ୍ ଆର୍ ମୁଖ୍ୟ ରଞ୍ଜନ ଶର୍ମା ମହୋତ୍ସବର ଉଦ୍ଦେଶ୍ୟ ଓ ଯୋଗସୂତ୍ର ବୃଦ୍ଧି ନେଇ ଅନୁପ୍ରେରଣାଦାୟକ ଭାବେ କଥା କହିଥିଲେ। ଅସିଷ୍ଟାଣ୍ଟ ପ୍ରୋଫେସର ଦେବାଶିଷ ନାୟକ ଛାତ୍ରମାନଙ୍କ ପ୍ରତିଭା ଓ ପ୍ରଦର୍ଶନୀର ଗୁରୁତ୍ୱ ଉପରେ ଆଲୋକ ପକାଇଥିଲେ। ସି ଏସ୍ ଆର୍ ଅଫିସର ଦୀପଞ୍ଜନ ଦାସ, ହିମାଂଶୁ ନାୟକ, ସ୍ମୃତି ପାଣିଗ୍ରାହୀ, ଶିବ ମୁଖୀ ଏବଂ ସୌରଜେନ୍ଦୁ ବେହେରା କାର୍ଯ୍ୟକ୍ରମକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। 'ବିକାଶ ସାଥୀ'ର ସ୍ଥାପକ ଡ଼. ବିଶ୍ୱଜିତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଉର୍ଜା ମହୋତ୍ସବର ସଫଳ ସମନ୍ୱୟ ସ୍ୱିଟି ରାଉତ, ଅମରେନ୍ଦ୍ର ଖଲିପଲିଆ, ସାଗରଦୀପ ଦଳାଇ, ତନ୍ମୟ ବେହେରା, ସୌମ୍ୟ ରଞ୍ଜନ ପାତ୍ର, ଶୁଭଶ୍ମିତା ମଲ୍ଲିକ ଓ ଅବିନାଶ ଦାସ କରିଥିଲେ।

## ଛତୁଆ ପ୍ରସ୍ତୁତି କେନ୍ଦ୍ର ବୁଲିଲେ ତହସିଲଦାର

ସୋର, ୯।୧୨(ସମିସ): ସୋର ବ୍ଲକ ଦହିସଡାସ୍ଥିତ ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ସୋର ତହସିଲଦାର ଦୈତାରୀ ମଲ୍ଲିକ ଅଚାନକ ଗସ୍ତ କରି କର୍ମଚାରୀଙ୍କୁ ତାଗିଦ କରିଛନ୍ତି। ଏହି ଗ୍ରାମରେ ଥିବା ଏକ ଅଙ୍ଗନବାଡି କେନ୍ଦ୍ରର ଜମି ସମସ୍ୟା କାରଣରୁ ଅଙ୍ଗନବାଡିର ପାଚେରୀ କାମରେ ବ୍ୟାଘାତ ସୃଷ୍ଟି ହେଉଥିଲା। ଏ ନେଇ ଅଭିଯୋଗ ହେବାରୁ ଆଜି ମଧ୍ୟାହ୍ନରେ ସୋର ତହସିଲଦାର ଶ୍ରୀ ମଲ୍ଲିକ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିଲେ। ପରେ ନିକଟରେ ଥିବା ଏକ ଛତୁଆ ପ୍ରସ୍ତୁତ କେନ୍ଦ୍ରକୁ ଯାଇ ଏହାର ମାନ ପରୀକ୍ଷା କରିବା ସହିତ ପରିବେଶ ବୁଲି ଦେଖିଥିଲେ। ଏହାକୁ ସ୍ୱଚ୍ଛ ଓ ସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ କରିବାକୁ କର୍ମଚାରୀଙ୍କୁ ତାଗିଦ କରିଥିବା ଜଣାପଡିଛି।

## 'ଆଧୁନିକ ଓଡ଼ିଆ ସାହିତ୍ୟ ଉପରେ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ' ଆଲୋଚନାଚକ୍ର




ବାଲେଶ୍ୱର, ୯।୧୨(ସମିସ): ଓଡ଼ିଶା ଇଂରାଜୀ ଗବେଷଣା ପରିଷଦ ବାଲେଶ୍ୱର ପକ୍ଷରୁ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଇଂରାଜୀ ବିଭାଗ ସହଭାଗିତାରେ "ଆଧୁନିକ ଓଡ଼ିଆ ସାହିତ୍ୟ ଉପରେ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ କଲେଜର ବିଜ୍ଞାନ ଭବନ ସଭାକକ୍ଷରେ ପରିଷଦ ସଭାପତି ଡ. ସାନ୍ତ୍ୱନା ହାଲଦାର ପୌରୋହିତ୍ୟ କରି ଆଧୁନିକ ଓଡ଼ିଆ ସାହିତ୍ୟ ତଥା ଭାରତୀୟ ସାହିତ୍ୟ ଉପରେ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବର ଏକ ବ୍ୟାପକ ଚିତ୍ର ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରକୁ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଅନିରୁଦ୍ଧ ବେହେରା ଉନ୍ମୋଚନ କରିବା ସହ ସ୍ୱାଗତ ଭାଷଣ ରଖିଥିଲେ। ବିଭାଗ ମୁଖ୍ୟ ଅଧ୍ୟାପକ ରଂଜନ କୁମାର ସାହୁ ପ୍ରାକ୍‌କଥନ ରଖିଥିବା ବେଳେ ଅନ୍ୟତମ ଅଧ୍ୟାପିକା ଡ. ଅନୀତା ମିଶ୍ର ମଞ୍ଚ ଆହ୍ୱାନ କରିଥିଲେ। ପରିଷଦ ଉପସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ୨୦୦୯ରୁ ଅଦ୍ୟାବଧି, ପରିଷଦର ଏକ ସଂକ୍ଷିପ୍ତ ଇତିହାସ ଏବଂ ଯୁଗ୍ମ ସଂପାଦକ ଡ. ବିଜୟ କୁମାର ଦେ ଅତିଥି ପରିଚୟ ଦେଇଥିଲେ। ଉପସଭାପତି ଡ. ଗୀତାଶ୍ରୀ ରାୟ ଏହି ଅବସରରେ ଉନ୍ମୋଚିତ ପରିଷଦର ବାର୍ଷିକ ପତ୍ରିକା, ଯାହା ଏବର୍ଷ "ଓଡ଼ିଆ ସାହିତ୍ୟ ବିଶେଷାଙ୍କ' ନାମରେ ନାମିତ, ତା'ର ଏକ ସୁନ୍ଦର ସାରଗର୍ଭକ ସମୀକ୍ଷା ଶ୍ରୋତାଙ୍କ ଆଗରେ ରଖିଥିଲେ। ସ୍ନାତକ ଛାତ୍ର ପ୍ରଭାସ ମଲ୍ଲିକଙ୍କ ଇଂରାଜୀ କବିତା ଗ୍ରନ୍ଥ "ଇକୋ ଅଫ୍ ମାଇ କୋର୍'ର ଉନ୍ମୋଚନ ହୋଇଥିଲା। ସେହିପରି ପରିଷଦ ସଦସ୍ୟ ଡ. ସତ୍ୟସୁନ୍ଦର ସାମନ୍ତଙ୍କ "ଦି ସୁବର୍ଣ୍ଣରେଖା' କବିତା ଗ୍ରନ୍ଥ ଉନ୍ମୋଚନ ହୋଇଥିଲା। ଡକ୍ଟରେଟ ଲାଭ କରିଥିବା ପରିଷଦର ଦୁଇ ସଦସ୍ୟ ଡ. ସତ୍ୟସୁନ୍ଦର ସାମନ୍ତ ଓ ଡ. ନନ୍ଦକିଶୋର ମହାନ୍ତିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ସମ୍ବିତ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ପାଶ୍ଚାତ୍ୟ ସାହିତ୍ୟ ବିଶେଷତଃ ଇଂରାଜୀ କବି ଟିଏସ୍ ଏଲିଏଟ୍ କିପରି ଓଡ଼ିଶାର ପ୍ରମୁଖ ଆଧୁନିକ କବିଙ୍କୁ ପ୍ରଭାବିତ କରିଛନ୍ତି, ତାହା ଉଦାହରଣ ସହ ଉପସ୍ଥାପନ କରିଥିଲେ। ପରିଷଦ ବରିଷ୍ଠ ସଦସ୍ୟ ଡ. ମାନସ ରଂଜନ ସାମଲ, ପ୍ରଫେସର ଶଚୀନ୍ଦ୍ର କର, ଇଂରାଜୀ ବିଭାଗ ଅଧ୍ୟାପିକା ଡ. ମିନତୀ ସେଠୀ, ଡ. ଶିଲ୍ପା ମିଶ୍ର, ସଂଯୁକ୍ତା ସାମଲ, ବର୍ଣ୍ଣନୀ ପଣ୍ଡା, ମୌସୁମୀ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଓଡ଼ିଆ ଇଂରାଜୀ ବିଭାଗର ପାଖାପାଖି ୧୪୦ ଜଣ ଛାତ୍ରଛାତ୍ରୀ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସୁରକ୍ଷା ଜମା ରାଶିର ସମାୟୋଜନ/ଦାବି ସମ୍ବନ୍ଧୀୟ ବିଜ୍ଞପ୍ତି

ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଯୋଗାଣ ସଂହିତା ୨୦୧୯ର ବିନିୟମ ୫୩ ଏବଂ ବିଦ୍ୟୁତ୍ ଅଧିନିୟମ ୨୦୦୩ର ଧାରା ୪୭ର ବ୍ୟବସ୍ଥା ଅନୁଯାୟୀ, ଟିପିସିଓଡିଏଲକୁ ପୂର୍ବ ବର୍ଷ ଅର୍ଥାତ୍ ଆର୍ଥିକ ବର୍ଷ ୨୪-୨୫ର ଏପ୍ରିଲରୁ ମାର୍ଚ୍ଚ ପର୍ଯ୍ୟନ୍ତ ୧୨ (ବାର) ମାସର ହାରାହାରି ବିଦ୍ୟୁତ ବ୍ୟବହାର ଉପରେ ଆଧାର କରି ସୁରକ୍ଷା ଜମା ରାଶିର ସମୀକ୍ଷା କରିବା ଆବଶ୍ୟକ କରୁଛି। ଏହା ଏକ ବାର୍ଷିକ ସମୀକ୍ଷା ପ୍ରକ୍ରିୟା। ଏହି ସମୀକ୍ଷାର ଉଦ୍ଦେଶ୍ୟ ହେଉଛି ଯେ ଟିପିସିଓଡିଏଲ ପାଖରେ ହାରାହାରି ଦୁଇ ମାସର ବିଦ୍ୟୁତ୍ ବ୍ୟବହାର ସହିତ ସମାନ ପର୍ଯ୍ୟାପ୍ତ ସୁରକ୍ଷା ଜମା ଉପଲବ୍ଧ ଅଛି।

ଯେଉଁ ଉପଭୋକ୍ତାମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ କମିଯାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମାଠାରୁ ୧୦% ରୁ ଅଧିକ ଅତିରିକ୍ତ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଜମା ହୋଇଛି, ସେମାନେ ବିଦ୍ୟୁତ ବିଲ୍‌ରେ ସମାୟୋଜନ ମାଧ୍ୟମରେ ଫେରସ୍ତ ପାଇବେ। ସେହିଭଳି, ଯେଉଁ ଗ୍ରାହକମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ ବୃଦ୍ଧି ପାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମା ଠାରୁ ୧୦% ରୁ ଅଧିକ କମ୍ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଅଛି, ସେମାନଙ୍କୁ ବାକି ସୁରକ୍ଷା ଜମା ପୈଠ କରିବାକୁ ପଡିବ। ଏହିଭଳି ଉପଭୋକ୍ତାମାନେ ଦାବି ନୋଟିସ୍ ପାଇବେ ଏବଂ ଏହି ଅତିରିକ୍ତ ସୁରକ୍ଷା ଜମା (ASD) ନୋଟିସ୍ ପାଇବାର ୩୦ ଦିନ ମଧ୍ୟରେ ପୈଠ କରିବାକୁ ବାଧ୍ୟ ହେବେ।

ସମାୟୋଜନ/ଅତିରିକ୍ତ ସୁରକ୍ଷା ଦାବି ସମ୍ବନ୍ଧୀୟ ସୂଚନା ଉପଭୋକ୍ତାଙ୍କୁ ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରରେ ଏସ୍‌ଏମ୍‌ଏସ୍/ହ୍ୱାଟ୍ସଆପ୍ ମାଧ୍ୟମରେ ନୋଟିସର ଏକ ସଫ୍ଟ କପି ଡାଉନଲୋଡ କରିବା ପାଇଁ ଏକ ଲିଙ୍କ ସହିତ ପଠାଯିବ। ଏହା ବ୍ୟତୀତ, ଉପଭୋକ୍ତାଙ୍କ ପାଖରେ ଟିପିସିଓଡିଏଲ ୱେବସାଇଟ / ମିତ୍ରା ଆପ୍‌ରୁ ସିଧାସଳଖ ସମାୟୋଜନ ବିବରଣୀ / ଏଏସ୍‌ଡି ନୋଟିସ୍ ସିଧାସଳଖ ଡାଉନଲୋଡ କରିବାର ବିକଳ୍ପ ଅଛି।

ଉପଭୋକ୍ତାମାନେ ଆରଟିଜିଏସ୍/ଏନ୍‌ଇଏଫଟି ମାଧ୍ୟମରେ କିମ୍ବା ନିକଟସ୍ଥ ଟିପିସିଓଡିଏଲ କାର୍ଯ୍ୟାଳୟକୁ ଯାଇ ଏଏସ୍‌ଡି ଡିମାଣ୍ଡ ଅନଲାଇନରେ ଦେୟ ପୈଠ କରିପାରିବେ। ଏନ୍‌ଇଏଫଟି/ଆରଟିଜିଏସ୍‌ଦେୟ ପାଇଁ, ଆକାଉଣ୍ଟ ନମ୍ବର TPCODLxxxxxxxxxx (ଯେଉଁଠାରେ xxxxxxxxx ହେଉଛି ଏଏସ୍‌ଡି ରେଫରେନ୍ସ ଡକ୍ୟୁମେଣ୍ଟ ନମ୍ବର) ଏବଂ ଆଇଏଫଏସ୍‌ସି କୋଡ୍ IBKL0000042 ହେବା ଉଚିତ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୫ ଅନୁଯାୟୀ, ଗ୍ରାହକମାନେ ଟିପିସିଓଡିଏଲ ଦ୍ୱାରା ଡିମାଣ୍ଡ ନୋଟିସ୍ ଜାରି ହେବାର ତିରିଶ (୩୦) ଦିନ ମଧ୍ୟରେ ନିଶ୍ଚିତଭାବେ ଏଏସ୍‌ଡି ଦେବାକୁ ପଡିବ। ବିଳମ୍ବଜନିତ ଦେୟ ପାଇଁ ବାର୍ଷିକ ଅତିରିକ୍ତ ୧୫% ଶୁଳ୍କ ପୈଠ କରିବାକୁ ପଡିବ। ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୬ ଅନୁଯାୟୀ, ଯଦି ଏଏସ୍‌ଡି ନିର୍ଦ୍ଧାରିତ ସମୟ ମଧ୍ୟରେ ପୈଠ ନ କରାଯାଏ, ତେବେ ଉପଭୋକ୍ତା ଯୋଗାଣ ବିଚ୍ଛିନ୍ନ ହେବା ପାଇଁ ଦାୟୀ ରହିବେ।

ଉପଭୋକ୍ତମାନଙ୍କୁ ଅବଗତ କରାଯାଉଛି ଯେ ସେମାନେ ଟିପିସିଓଡିଏଲ ପାଖରେ ଥିବା ସୁରକ୍ଷା ଜମା ଉପରେ ବାର୍ଷିକ ୬.୫୦% ହାରରେ ସୁଧ ପାଉଛନ୍ତି, ଯାହା ବାର୍ଷିକ ଭାବରେ ସେମାନଙ୍କ ଆକାଉଣ୍ଟରେ ଜମା କରାଯାଉଛି। ଏହା ବ୍ୟତୀତ, ଓଇଆରସିର ନିର୍ଦ୍ଦେଶ ଅନୁଯାୟୀ, ଉପଭୋକ୍ତାଙ୍କ ଠାରୁ ସଂଗ୍ରହ କରାଯାଇଥିବା ସୁରକ୍ଷା ଜମା ଟିପିସିଓଡିଏଲ ଦ୍ୱାରା ବ୍ୟବସାୟିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଏ ନାହିଁ। ବରଂ, ଏହାକୁ ଅଧିସୂଚିତ ବ୍ୟାଙ୍କଗୁଡିକରେ ସ୍ଥାୟୀ ଜମା ଭାବରେ ସୁରକ୍ଷିତ ଭାବରେ ରଖାଯାଏ। ଏହି ଜମା ଉପରେ ଅର୍ଜିତ ସୁଧ ଏଏଆରରେ ଉପଭୋକ୍ତାଙ୍କୁ ପ୍ରଦାନ କରାଯାଏ।

**ଅଧିକ ବିବରଣୀ ପାଇଁ, ଦୟାକରି ଆମର ଉପଭୋକ୍ତା ସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ, ୧୯୧୨ରେ କଲ୍ କରନ୍ତୁ, କିମ୍ବା ୯୫୫୬୧୭୧୦୦୨ରେ ମିସ୍‌ଡ କଲ କରନ୍ତୁ ଅବା ଟିପିସିଓଡିଏଲ ୱେବସାଇଟ୍/ମିତ୍ର ଆପରେ ଲଗ୍ ଇନ୍ କରନ୍ତୁ।**

**୧୦ ଡିସେମ୍ବର ୨୦୨୫ଠାରୁ ମିସ୍‌ଡ କଲ ସେବା ସକ୍ରିୟ ରହିବ।**

## ଗୋରୁ ଗାଡ଼ି ଭଙ୍ଗାରୁଜା ଘଟଣାରେ ଜଣେ ଗିରଫ

ସୋର, ୯।୧୨(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ କଲେଜଛକ ନିକଟରେ ଏକ ଗୋରୁ ବୋଝେଇ ଗାଡିକୁ ଅଟକାଇ ଗାଡି ଭଙ୍ଗାରୁଜା କରି ଗୋରୁ ଛଡେଇ ନେବାକୁ ଉଦ୍ୟମ କରୁଥିବା ଘଟଣାରେ ଦୁଇ ଜଣ ଅଭିଯୁକ୍ତକୁ ଗିରଫ କଲା ସୋର ପୁଲିସ। ଜଳେଶ୍ୱର ଅଞ୍ଚଳର ମନରଞ୍ଜନ ମାଇତି ଭୁବନେଶ୍ୱର ପଥରବନ୍ଧସ୍ଥିତ କାହ୍ନୁଚରଣ ବେହେରାଙ୍କ ନିକଟରୁ ଏକ ଗାଈ ଏବଂ ବାଛୁରୀ କିଣି ସମସ୍ତ କାଗଜପତ୍ର ସହ ଏକ ଟାଟା ଏସିଇ ଗାଡ଼ିରେ ଜଳେଶ୍ୱର ନେଇ ଯାଉଥିଲେ। ଅପରାହ୍ନରେ କଲେଜ ଛକ ନିକଟରେ ଗାଡି ପହଞ୍ଚିବା ପରେ ସେଠାରେ ୨୦ରୁ ଅଧିକ ଯୁବକ ବେଆଇନ ଗୋଚାଲାଣ ହେଉଥିବା ଅଭିଯୋଗ କରି ଗାଡିକୁ ଅଟକାଇ ଚାଳକଙ୍କୁ ମାଡ଼ ମାରି, ଗାଡି ଭଙ୍ଗାରୁଜା କରି ଗାଈ ସମେତ ବାଛୁରୀକୁ ଛଡାଇ ନେବାକୁ ଉଦ୍ୟମ କରିଥିଲେ। ଖବରପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଯୁବକମାନେ ଛତ୍ରଭଙ୍ଗ ଦେଇଥିଲେ। କିନ୍ତୁ ପୁଲିସ ଦୁଇ ଜଣଙ୍କୁ ଧରି ସୋର ଥାନାରେ ଅଟକ ରଖିଥିଲେ। ଏ ବାବଦରେ ରାତିରେ ଗାଡି ଚାଳକ ଭଦ୍ରକ ଅଞ୍ଚଳର ସୁକାନ୍ତ ସାହୁ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୦୧୫/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଆଜି ସକାଳେ ଥାନାରେ ଅଟକ ଥିବା ଅଡଙ୍ଗ ବଜାର ଗ୍ରାମର ସେକ ଜଇମୁଲ ହକ(୨୪)କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ ପୁଲିସ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଅନ୍ୟ ଜଣେ ନାବାଳକ ହୋଇଥିବାରୁ ଆସନ୍ତାକାଲି ତାକୁ ବାଲେଶ୍ୱର ଜୁଭେନାଇଲ କୋର୍ଟରେ ହାଜର କରାଯିବ ବୋଲି ପୁଲିସ ସୂଚନା ଦେଇଛି।

## ଜଗନ୍ନାଥପୁରରେ ପ୍ରବଚନ କାର୍ଯ୍ୟକ୍ରମ




ଚନ୍ଦନେଶ୍ୱର, ୯।୧୨(ସମିସ): ଭୋଗରାଇର ଜଗନ୍ନାଥପୁରରେ ମଙ୍ଗଳବାର ବିଶିଷ୍ଟ ପ୍ରବଚକ ବାବା ବଳିଆଙ୍କ ଆଧ୍ୟାତ୍ମିକ ଚେତନା ସମ୍ପର୍କିତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଚନ୍ଦନେଶ୍ୱର ବାବା ବଳିଆ ସେବକ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ଉପସ୍ଥିତ ହୋଇ ଜଗନ୍ନାଥ ସଂସ୍କୃତି ରସ ପାନ କରିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ବାଦଲ ଚନ୍ଦ୍ର ସେନାପତିଙ୍କ ବାସଗୃହ ଭବନ ପରିସରରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ସମସ୍ତେ ବେଶ ଆନନ୍ଦ ଉଲ୍ଲାସରେ ଶ୍ରବଣ କରି କୃତାର୍ଥ ହୋଇ ଥିଲେ। ଏଥିରେ ପୂର୍ବତନ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଶ୍ରୀ ସେନାପତିଙ୍କ ସମେତ ଅନନ୍ତ ଦାସ, ସୁରେନ୍ଦ୍ର ଗିରି, ଶ୍ରୀହରି ପାତ୍ର, ଗୁଣାଧର ଗିରି, ଶ୍ରୀକାନ୍ତ ପ୍ରଧାନ, କମଳ ଲୋଚନ ପାଳ, ଆନନ୍ଦ ଘଡେଇ, ଦୀପକ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସୂଚନା ଥାଉ କି, ଉକ୍ତ ସଂଗଠନ ବାବା ବଳିଆଙ୍କ ନିର୍ଦ୍ଦେଶ କ୍ରମେ ଦୀର୍ଘ ୧୫ବର୍ଷ ହେବ ପଙ୍କ ଉଦ୍ଧାର ଏକାଦଶୀ ଅବସରରେ ପ୍ରସିଦ୍ଧ ଚନ୍ଦନେଶ୍ୱର ଶୈବପୀଠର ନେତ୍ର କୁଣ୍ଡରୁ ପଙ୍କ ଉଦ୍ଧାର କରି ଆସୁଛନ୍ତି।

## ଅବକାରୀ ଚଢ଼ଉ, ୨ ଗିରଫ

ଭୋଗରାଇ, ୯।୧୨(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅବକାରୀ ଥାନା ପକ୍ଷରୁ ଚଢ଼ଉ କରାଯାଇ ୬୫ ଲିଟର ଚୋରା ମଦ ସହିତ ୨ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ଭୋଗରାଇ ବ୍ଲକ ଫୁଲବଣୀଖାସ ଗ୍ରାମର ଯୋଗେନ୍ଦ୍ର ମଣ୍ଡଳଙ୍କ ପୁଅ ଅନନ୍ତ ମଣ୍ଡଳ ପାଖରୁ ୧୯ ଲିଟର ଓ ସିଆଁରୋଇ ଗ୍ରାମର ବିଜୁ ରାଉତଙ୍କ ସ୍ତ୍ରୀ ସୁମିତା ରାଉତଙ୍କ ପାଖରୁ ୪୬ ଲିଟର ଚୋରା ମଦ ଜବତ କରିଛି ଅବକାରୀ ବିଭାଗ। ଏହି ଚଢ଼ଉରେ ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ ମାଝୀ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, କନଷ୍ଟେବଲ ବ୍ରହ୍ମଜିତ ଦାସଙ୍କ ସହିତ ଅନ୍ୟମାନେ ସାମିଲ ଥିଲେ।

### ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଉତ୍ତୋଳନ

# ବାଲି ଚୋରଙ୍କୁ ୧.୫୬ କୋଟି ଜରିମାନା

ବାଲେଶ୍ୱର(ଉତ୍ତର), ୯।୧୨ (ସମିସ)



ଉତ୍ତର ବାଲେଶ୍ୱରର ଅଞ୍ଚଳରେ ଥିବା ବିଭିନ୍ନ ପ୍ରତ୍ୟେକ ଦିନ କୋଟି କୋଟି ଟଙ୍କାର ବେଆଇନ ଲଘୁଖଣିଜ ସମ୍ପଦ ଲୁଟ ହେଉଛି। ଏହି ଅଞ୍ଚଳର ୩ଟି ତହସିଲ ଅଧୀନ ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଉତ୍ତୋଳନ ଅବାଧରେ ଚାଲିଛି। ବାଲି ଉତ୍ତୋଳନ ଓ ପରିବହନ ସମୟରେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇ ୨୪୪ଟି ଗାଡ଼ି ଜବତ ସହ ଜରିମାନା ଆକାରରେ ୧.୫୬ କୋଟି ଟଙ୍କା ଆଦାୟ କରାଯାଇଛି। ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଶ୍ନରେ ଆଜି ବିଧାନସଭାରେ ଏହି ଉତ୍ତର ରଖିଛନ୍ତି ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା। ସୂଚନାଯୋଗ୍ୟ ଯେ ବିଧାୟକ ଶ୍ରୀ ପାତ୍ର ଜାଣିବାକୁ ଚାହିଁଥିଲେ; ସୁବର୍ଣ୍ଣରେଖା ନଦୀ ଇଲାକାରୁ ପଶ୍ଚିମବଙ୍ଗ ଓ ସ୍ଥାନୀୟ ବାଲି ବେପାରୀମାନେ ବେଆଇନ ଭାବରେ ବାଲି ଉତ୍ତୋଳନ କରି ବାହାରକୁ ଚାଲାଣ କରିବା ବାବଦରେ ଜିଲ୍ଲା ପ୍ରଶାସନ ଅବଗତ ଅଛି କି? ଏହି ବାଲି ଉତ୍ତୋଳନ ରୋକିବା ପାଇଁ ତଥା ଚଢ଼ଉ ବେଳେ ଆକ୍ରମଣର ଶିକାର ହେଉଥିବା ତହସିଲଦାରମାନଙ୍କ ନିରାପତ୍ତା ଦୃଷ୍ଟିରୁ ଅଧିକ ପୁଲିସ ବାହିନୀ ଯୋଗାଇ ଦେବା ସକାଶେ ସରକାର ପଦକ୍ଷେପ ନେବେ କି ? ଏହାର ଉତ୍ତରରେ ମନ୍ତ୍ରୀ କହିଲେ; ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଉତ୍ତୋଳନ ଓ ପରିବହନ ସମୟରେ ଜଳେଶ୍ୱର ତହସିଲ ଇଲାକାରେ ଚଢ଼ଉ କରାଯାଇ ମୋଟ୍ ୨୩୬ଟି ମାମଲା ରୁଜୁ ହୋଇଛି ଏବଂ ୨୦୫ଟି ଗାଡ଼ି ଜବତ କରାଯାଇଛି। ଗାଡ଼ି ମାଲିକଙ୍କଠାରୁ ଜରିମାନା ଆକାରରେ ୧ କୋଟି ୩୫ ଲକ୍ଷ ୪୫ ହଜାର ୮୧୮ ଟଙ୍କା ଆଦାୟ କରାଯାଇଛି। ସେହିପରି ଭୋଗରାଇ ତହସିଲ

> **ଚୋରା ଚାଲାଣ ରୋକିବା ପାଇଁ ଜଳେଶ୍ୱର, ସୋର ଓ ଖଇରାରେ ସ୍ଥାପନ ହେବ ୨୪ ଘଣ୍ଟିଆ ଚେକ୍ ଗେଟ୍**

ଇଲାକାରେ ୨୬ଟି ମାମଲା ରୁଜୁ କରାଯାଇ ୨୪ ଟି ଗାଡ଼ି ଜବତ କରାଯାଇଛି ଏବଂ ୮ ଲକ୍ଷ ୬୯ ହଜାର ୩୮୩ ଟଙ୍କା ଜରିମାନା ଆଦାୟ କରାଯାଇଛି ବାଲିଆପାଳ ବ୍ଲକ୍‌ରେ ୨୨ଟି ମାମଲା ରୁଜୁ କରାଯାଇ ୧୫ଟି ଗାଡ଼ି ଜବତ୍ ପୂର୍ବକ ମାଲିକଙ୍କ ପାଖରୁ ୧୧ ଲକ୍ଷ ୮୧ ହଜାର ୧୬୩ ଟଙ୍କା ଜବତ କରାଯାଇଛି। ଲଘୁ ଖଣିଜର ଅବୈଧ ଉତ୍ତୋଳନ ରୋକିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ନିୟମିତ ଯାଞ୍ଚ ସହିତ ମାସିକ ଉପଖଣ୍ଡ ସମନ୍ୱୟ ବୈଠକ ଅନୁଷ୍ଠିତ ହେଉଛି। ଚଢ଼ଉ ବେଳେ ଖଣି ଅଧିକାରୀଙ୍କୁ ଉତ୍ସର୍ଗୀକୃତ ଏପିଆର ପୁଲିସ ଫୋର୍ସ ଯୋଗାଇ ଦିଆଯାଉଛି। ସେହିପରି ଜଳେଶ୍ୱର, ଖଇରା, ସୋର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପୁଲିସ କର୍ମଚାରୀଙ୍କୁ ନେଇ ୨୪ ଘଣ୍ଟିଆ ଚେକ୍ ଗେଟ୍ ସ୍ଥାପନ କରାଯିବାକୁ ଯୋଜନା ହୋଇଛି। ପୁଣି କ୍ଷେତ୍ରପରିଦର୍ଶନ ଏବଂ ପ୍ରବର୍ତ୍ତନ କାର୍ଯ୍ୟ କରିବା ପାଇଁ କନିଷ୍ଠ ଖଣି ଅଧିକାରୀଙ୍କୁ ପ୍ରତ୍ୟେକ ତହସିଲରେ ଦାୟିତ୍ୱ ଦିଆଯାଇଛି। ବେଆଇନ ଉଠାଣ ଓ ପରିବହନକୁ ପ୍ରଭାବଶାଳୀ ଢଙ୍ଗରେ ରୋକିବା ପାଇଁ ଅବୈଧ ଭାବରେ ନିର୍ମିତ ରାସ୍ତାକୁ କାଟି ଦିଆ ଦିଆଯିବା ଭଳି ସରକାର ପଦକ୍ଷେପ ନେଇଛନ୍ତି।

## ସ୍କୁଲ ୟୁନିଫର୍ମ ଯୋଗାଣରେ ଅନିୟମିତତା ଅଭିଯୋଗ

> **ଭିଜିଲାନ୍ସ ତଦନ୍ତ ଦାବି**

ଖଇରା, ୯।୧୨ (ସମିସ): ଖଇରା ବ୍ଲକରେ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟକୁ ୟୁନିଫର୍ମ ଯୋଗାଣରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସ୍କୁଲକୁ ପୋଷାକ ଯୋଗାଇବାକୁ ଚୁକ୍ତି କରିଥିବା ଗୋଷ୍ଠୀ ବଜାରରୁ ଅତ୍ୟନ୍ତ ନିମ୍ନମାନର ପୋଷାକ କିଣି ଯୋଗାଇଛନ୍ତି। ସିମୁଳିଆ ନିର୍ବାଚନ ମଣ୍ଡଳୀର ଜଣେ ଲୋକପ୍ରତିନିଧିଙ୍କ ସମର୍ଥକ ମାନେ ଏହି ପୋଷାକ ଯୋଗାଣରୁ ମୋଟା ଅଙ୍କର ଅର୍ଥ ନେଇଥିବା ଆଲୋଚନା ହେଉଛି। ଏଭଳି ଡ୍ରେସ ଯୋଗାଣ ଘୋଟାଲାର ଭିଜିଲାନ୍ସ ତଦନ୍ତ କରିବାକୁ ଅଭିଭାବକ, ଛାତ୍ରୀଛାତ୍ର ଦାବି କରିଛନ୍ତି। ଚଳିତ ବର୍ଷ ଖଇରା ବ୍ଲକର ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୨୩୯ ସରକାରୀ ତଥା ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟକୁ ପୋଷାକ ଯୋଗାଇବାକୁ ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ସମଗ୍ର ଶିକ୍ଷା ତରଫରୁ ପତ୍ର ସଂଖ୍ୟା ଆଇଏକ୍ସ-ଜିଇ-୧/୨୫/୩୪୩୨ ତା ୧୭/୦୯/୨୫ ମାଧ୍ୟମରେ ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟକୁ ଅବଗତ କରାଯାଇଥିଲା। ଏଥିପାଇଁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ,ମହିଳା ସ୍ୱୟଂ ସହାୟିକା,ଉତ୍ପାଦିକା ଗୋଷ୍ଠୀ ମାନଙ୍କ ମାଧ୍ୟମରେ ଉତ୍ତମ ମାନ ପୋଷାକ ପ୍ରସ୍ତୁତ କରାଯାଇ ବିଦ୍ୟାଳୟକୁ ପ୍ରଦାନ କରାଯିବା ଲକ୍ଷରେ ୨୩୯ ବିଦ୍ୟାଳୟକୁ ୟୁନିଫର୍ମ ଯୋଗାଇବାକୁ ୧୬୩ଟି ଉଦ୍ୟୋଗ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ୫ଶହ ଟଙ୍କା ବ୍ୟୟରେ ପ୍ରତ୍ୟେକ ପିଲାକୁ ୨ହଳ କରି ୟୁନିଫର୍ମ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପ୍ରକ୍ରିୟା ସେପ୍ଟେମ୍ବର ୨୪ପୂର୍ବରୁ ସରିବା କଥା। ହେଲେ ସମସ୍ତ ବିଷୟରେ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇଛି। ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୧୭ହଜାର ୮୩୨ ପିଲାଙ୍କ ପାଇଁ ପିଲା ପିଛା ୫ଶହ ହିସାବରେ ୮୯ଲକ୍ଷ୧୬ହଜାର ଟଙ୍କା ପ୍ରଦାନ କରାଯାଇଛି। ମାତ୍ର ୧୦ପ୍ରତିଶତ ସ୍ୱୟଂ ସହାୟିକା ଗୋଷ୍ଠୀ ନିଜ କପଡା ସିଲେଇ କରି ଦେଇଥିବା ବେଳେ ୯୦ପ୍ରତିଶତ ଗ୍ରୁପ ଓ ଉଦ୍ୟୋଗ କୋଲକାତା ତଥା ଅନ୍ୟ ବାହାର ବଜାରରୁ କିଣି ଯୋଗଇଛନ୍ତି ଯାହା ଅତ୍ୟନ୍ତ ନିମ୍ନମାନର। ଏ ସମ୍ପର୍କରେ କିଛି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀଙ୍କୁ ପଚାରିବାରେ ଜଣେ ନେତାଙ୍କ ସମର୍ଥକ ମାନେ ପ୍ରତ୍ୟେକ ହଳ ଡ୍ରେସରୁ ୧୫ଟଙ୍କା କରି ଆଦାୟ କରି ନେବା ପରେ ଆଉ କିଛି ପ୍ରଧାନଶିକ୍ଷକ ମଧ୍ୟ ଗ୍ରୁପ ମାନଙ୍କ ସହ ଚୁକ୍ତି ସମୟରେ ପିଲା ପିଛା ୨୦ରୁ ୫୦ଟଙ୍କା ଦାବି କରୁଥିବାରୁ କପଡାର ମାନ ଠିକ ରଖିବା ସମ୍ଭବ ହେଉନାହିଁ ବୋଲି ନିଜ ନାମ ଗୋପନ ରଖି କହିଛନ୍ତି। ସେହିଭଳି ନିର୍ଦ୍ଧାରିତ ସମୟ ସୀମାର ୨ମାସରୁ ଉର୍ଦ୍ଧ ଅତିକ୍ରାନ୍ତ କରି ଯାଇଥିବା ବେଳେ ଆଉରୀ ୫୦ ପ୍ରତିଶତ ସ୍କୁଲ କର୍ତ୍ତୃପକ୍ଷ ନିଜ ପିଲାଙ୍କୁ ୟୁନିଫର୍ମ ଦେବାକୁ ସମର୍ଥ ହୋଇ ପାରିନାହାଁନ୍ତି। ଏ ସମ୍ପର୍କରେ ଖଇରା ବ୍ଲକ ଦାୟିତ୍ୱରେ ଥିବା ଔପଦା ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାସଙ୍କ ପ୍ରତିକ୍ରିୟା ନେବାରେ ମାତ୍ର କିଛି ସ୍କୁଲକୁ ଛାଡି ବାକି ସ୍କୁଲକୁ ଗ୍ରୁପ ମାନେ ୟୁନିଫର୍ମ ଦେଇସାରିଛନ୍ତି। ଆଉ ଗ୍ରୁପ ମାନଙ୍କ ନିକଟରୁ ଅର୍ଥ ଆଦାୟ କରାଯିବା ବିଷୟରେ ସେ କିଛି ଜାଣିନଥିବା କହିଛନ୍ତି।

## ଜବତ ପଥର ୨୧ ଲକ୍ଷରେ ହେଲା ନିଲାମ



ସୋର, ୯।୧୨(ସମିସ): ଆଜି ଅପରାହ୍ନରେ ସୋର ତହସିଲ ଓ ଖଣି ବିଭାଗ ପକ୍ଷରୁ ଖଞ୍ଜାମାହାଲ ପଥର ଖାଦାନରେ ଚଢ଼ଉ କରାଯାଇ ଜବତ କରାଯାଇଥିବା ପଥରକୁ ୨୧ ଲକ୍ଷରେ ନିଲାମ କରାଯାଇଛି। ଦୀର୍ଘଦିନ ଧରି ଖଞ୍ଜାମହାଲ ପଥର ଖାଦାନ ବନ୍ଦ ଥିବା ବେଳେ ପଥର ଚୋରି ରୋକିବାର ନା ଧରୁନି। କୋଟି କୋଟି ଟଙ୍କାର ପଥର ଲୁଟ ହେଉଥିବା ବେଳେ ସରକାର କ୍ଷତି ସହୁଛନ୍ତି। ଏ ନେଇ ଗତ କିଛିଦିନ ତଳେ ବାଲେଶ୍ୱର ଜିଲ୍ଲାପାଳ ଖାଦନ ଗସ୍ତରେ ଆସି ଏଠାରେ ଏକ ପୁଲିସ କ୍ୟାମ୍ପ ଲଗାଇଥିଲେ। ମାତ୍ର ପଥର ଚୋରି ପୂର୍ବବତ ଚାଲୁ ରହୁଥିବାର ଅଭିଯୋଗ ହେବାରୁ ଆଜି ଅପରାହ୍ଣରେ ସୋର ତହସିଲଦାର ଦୈତାରି ମଲ୍ଲିକ ଖଣି ଅଧିକାରୀ ଜଗନ୍ନାଥ ଦାସ, ସମ୍ବିତ କୁମାର ମଣି ୫୫ ନମ୍ବର କ୍ୱାରୀ ସମେତ ବିଭିନ୍ନ ସ୍ଥାନରେ ଗଛିତ ଥିବା ୩୫ ଶହ କ୍ୟୁଭି ମିଟର ପଥରକୁ ଜବତ କରିବା ସହିତ ଏହାକୁ ୨୧ ଲକ୍ଷ ୩୬ ହଜାର ୬ଶହ ଟଙ୍କାରେ ନିଲାମ କରିଥିବା ଜଣାପଡିଛି।

## ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଦାବିରେ ଗଣଧାରଣା




ରାଜଘାଟ, ୯।୧୨ (ସମିସ): ବାଲେଶ୍ୱର ଜିଲାରେ ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବି କରି ସ୍ଥାନୀୟ କମିଟି ପକ୍ଷରୁ ବସ୍ତା ବ୍ଲକ ସମ୍ମୁଖରେ ଉପଦେଷ୍ଟା କୁମୁଦ ରଞ୍ଜନ ଗିରିଙ୍କ ଅଧ୍ୟକ୍ଷତାରେ ଆଜି ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ସ୍ୱାଗତ କରି ଶ୍ରୀ ଗିରି ଜିଲାରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ରର ଗୁରୁତ୍ୱ ବିଷୟରେ ଦୃଢ଼ ଦାବି ଜଣାଇଥିଲେ। ଏହି ଗଣଧାରଣାରେ ଜିଲା କମିଟିର ଉପସଭାପତି ହରନାରାୟଣ ମତୁଆଳ, ଡ. କ୍ଷିତିଶ୍ୱର ଦାଶ, ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ, ଭାସ୍କର ଚନ୍ଦ୍ର ପାଢ଼ୀ, ଜଳେଶ୍ୱର ଶାଖାର ଦିଲୀପ ଗିରି, ଭାସ୍କର ମିଶ୍ର, ସମରେଶ ଦିନ୍ଦା, ବସ୍ତା ଶାଖାର କମଳ ଲୋଚନ ବାରିକ, ଶିଶିର କୁମାର ରଥ, ସତ୍ୟ ନାରାୟଣ ଗୁପ୍ତା, ଶଙ୍କର କୁମାର କର, ସୁବ୍ରତ କୁମାର ପଣ୍ଡା, କମଳା କାନ୍ତ ବେହେରା, ଅନ୍ତର୍ଯ୍ୟାମୀ ରାଉଳ, ଅରୁଣ କୁମାର ମଣ୍ଡଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଶାନ୍ତିପୂର୍ଣ୍ଣ ଧାରଣାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବସ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିହିର ରଞ୍ଜନ ବେହେରାଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏବେ ସରକାର ଅନ୍ୟ ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରସ୍ତାବ କରିଥିଲେ ମଧ୍ୟ ବାଲେଶ୍ୱର ଜିଲ୍ଲାକୁ ଅଣଦେଖା କରୁଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ଜିଲାରେ କୃଷି ମହାବିଦ୍ୟାଳୟ ଓ ଗବେଷଣାଗାର ପ୍ରତିଷ୍ଠା ପାଇଁ ବିଧିବଦ୍ଧ ଘୋଷଣା ନ ହେବା ଯାଏ ଜିଲା ସାରା ଆନ୍ଦୋଳନ ହାତକୁ ନେବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ନିମ୍ନମାନର ପାଣି ଟାଙ୍କି ନିର୍ମାଣକୁ ବିରୋଧ

> **ଚେଇଁ ଶୋଇଛନ୍ତି ବିଭାଗୀୟ ଅଧିକାରୀ**

ବାଲିଆପାଳ, ୯।୧୨ (ସମିସ)



ଦୁର୍ନୀତିର ଗନ୍ତାଘର ପାଲଟିଛି ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ ଜଳ ଯୋଗାଣ ଓ ପରିମଳ ବିଭାଗ। ବିଭାଗୀୟ ଯନ୍ତ୍ରୀ ଆଉ ଠିକାଦାରଙ୍କ ସଲାସୁତ୍ରରାରେ ନିର୍ମାଣ ହେଉଛି ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ। ବିଭିନ୍ନ ସ୍ଥାନରେ ନିମ୍ନମାନର ପାଣି ଟାଙ୍କି ନିର୍ମାଣ ହୋଇଥିବାରୁ ଲୋକେ ଠିକ ଭାବରେ ସ୍ୱଚ୍ଛ ଜଳ ବ୍ୟବହାର କରି ପାରୁ ନାହାନ୍ତି। ସେଥିପାଇଁ ବାଲିଆପାଳ ବ୍ଲକରେ ଫେଲ ମରିଥିଲା ପାନୀୟ ଜଳ ଯୋଗାଣ ପ୍ରକଳ୍ପ। ମେଗା ପ୍ରକଳ୍ପ ପାଇଁ ଅସ୍ତି ଗ୍ରାମପଞ୍ଚାୟତଠାରେ ଏକ କୋଟି କୋଟି ଟଙ୍କାରେ ତିଆରି ହୋଇଥିବା ଓଭର ହେଡ ପାଣି ଟାଙ୍କି ନିମ୍ନମାନର କାମ ଚାଲିଛି। ଅସ୍ତି ପଞ୍ଚାୟତର ଡାଲୁଆ ଗ୍ରାମରେ ଜଳ ଯୋଗାଣ ପ୍ରକଳ୍ପର ବିକଳ ଚିତ୍ର। ଓଭରହେଡ ଟାଙ୍କି କାମରେ ନିମ୍ନମାନର ବାଲି, ସିମେଣ୍ଟ ଓ ଚିପ୍ସ ବ୍ୟବହାର ହେଉଥିବା ବେଳେ ସଠିକ ଭାଗ ମାପରେ କାମ ହେଉନି ବୋଲି ୱାଡ ମେମ୍ବର ସାହିତ୍ୟ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାରେବି କାର୍ଯ୍ୟ ସେମିତି ନିମ୍ନ ମାନର ଚାଲିଛି। ତେବେ ପ୍ରଶ୍ନ ଉଠୁଛି କୋଟି କୋଟି ଟଙ୍କାର ପାଣି ଟାଙ୍କି ହୋଇଛି କାହା ସ୍ୱାର୍ଥରେ? ଟାଙ୍କିର ଏଭଳି ନିମ୍ନମାନର ନିର୍ମାଣ ପାଇଁ ଦାୟୀ କିଏ? ନିର୍ମାଣ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ସହ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ମେଗା ପ୍ରକଳ୍ପ ପାଇଁ ବିଛାଯାଇଥିବା ପାଇପ ଗୁଡିକ ନିୟମ ମୁତାବକ ୩ ଫୁଟ ଗଭୀର ତଳେ ପୋତା ନ ଯାଇ କେଉଁଠାରେ ଏକଫୁଟ ତ ଅନ୍ୟ କେଉଁଠାରେ ୨ ଫୁଟ ଗଭୀର କରି ପାଇପ ପୋତାଯାଇଛି। ପାନୀୟ ଜଳ ଯୋଗାଇବା ପାଇଁ ବିଭିନ୍ନ ଜାଗାରେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ପାଇଁ ବ୍ୟବସ୍ଥା ଥିଲେ ବି ସେସବୁ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯାଇନାହିଁ। ଏହି କାର୍ଯ୍ୟରେ ମଧ୍ୟ ଦୁର୍ନୀତି ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ଶିମିଳିପାଳରୁ ୨ ଶିକାରୀ ଗିରଫ



ରାଇରଙ୍ଗପୁର, ୯।୧୨(ସମିସ): ଶିମିଳିପାଳ ଅଭୟାରଣ୍ୟରୁ ପୁଣି ୨ଜଣ ଶିକାରୀ ଧରାପଡ଼ିଛନ୍ତି। ଶିମିଳିପାଳ ବନ୍ୟଜନ୍ତୁ ବୁଦ୍ଧିମତା ନେଟ୍‌ୱର୍କ (ଏସ୍‌ଡବ୍ଲୁଆଇଏନ୍) ପରି ଅତ୍ୟାଧୁନିକ ବୈଜ୍ଞାନିକ କୌଶଳ ବ୍ୟବହାର କରାଯାଇ ଶିକାରୀକୁ ଧରିବାକୁ ବନ ବିଭାଗ ପ୍ରୟାସ ସଫଳ ହୋଇଛି। ୨ଜଣ ଶିକାରୀଙ୍କୁ ତାଙ୍କ ଘରୁ ଗିରଫ କରାଯାଇଛି। ସେମାନେ ହେଲେ କରଞ୍ଜିଆ ଥାନା ଅନ୍ତର୍ଗତ ଦୁଧିଆଣିରଜଲଡ଼ା ଗ୍ରାମର ଭାଗିରଥି ବୁଲିଉଲି (୩୧) ଓ ବୁଧୁରାମ କନ୍ଦାଙ୍କେଲ (୩୫)। ତାଙ୍କ ପାଖରୁ ଧନୁ ୪ଟି, ତୀର ୧୦ଟି, ଶୁଖିଲା ବଣ୍ୟ ମାଂସ ୧.୭୦୦ କେଜି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଶିକାରୀମାନେ ମାରଣାସ୍ତ୍ର ଧରି ଶିମିଳିପାଳ ଅଭୟାରଣ୍ୟର ଉତ୍ତର ବନଖଣ୍ଡ ଅନ୍ତର୍ଗତ କେନ୍ଦୁମୁଣ୍ଡି ରେଞ୍ଜ ଅଧୀନସ୍ଥ କୋର୍ ଅଞ୍ଚଳ ମଧ୍ୟକୁ ଶିକାର ଉଦ୍ଦେଶ୍ୟରେ ଅନୁପ୍ରବେଶ କରିଥିବାବେଳେ ସେମାନଙ୍କ ଫଟୋ କ୍ୟାମେରାରେ କଏଦ ହୋଇଥିଲା। ଯାହାକୁ ଆୟୁଦ୍ଧ କରି ଯାଞ୍ଚ ପ୍ରକ୍ରିୟା କରି ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ୍ ମିଳିତ ଭାବେ ଶିକାରୀଙ୍କ ଘରେ ଚଢ଼ଉ କରି ଗିରଫ କରାଯାଇଥିଲା। ବନ ବିଭାଗ ପକ୍ଷରୁ ଏକ ଆର୍ମ ଆକ୍ଟ ନେଇ ମାମଲା ରୁଜୁ ତଦନ୍ତ ଜାରି ରଖିଥିବାବେଳେ ଗିରଫ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଅଂଶୁମାନ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ପ୍ରଭାରୀ

ରାଇରଙ୍ଗପୁର, ୯।୧୨(ସମିସ): ବିଜେପି ପକ୍ଷରୁ ପଶ୍ଚିମ ମୟୂରଭଞ୍ଜ ସାଂଗଠନିକ ଜିଲ୍ଲା ପାଇଁ ନୂତନ ପ୍ରଭାରୀ ନିଯୁକ୍ତ କରାଯାଇଛି। ବରିଷ୍ଠ ନେତା ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କୁ ପ୍ରଭାରୀ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ପୂର୍ବରୁ କେନ୍ଦୁଝର ଜିଲ୍ଲାର ଜିଲ୍ଲା ସଭାପତି ସମେତ ବିଜେପି ଯୁବମୋର୍ଚ୍ଚାର ରାଜ୍ୟ ଉପସଭାପତି ଥିଲେ। ତାଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ନୂତନ କରି ପ୍ରଭାରୀ ଦାୟିତ୍ୱ ପ୍ରଦାନ କରି ନାମ ଘୋଷଣା କରାଯାଇଛି। ଏହାକୁ ନେଇ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ସକାଳ ପ୍ରଭାବ

## ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ୬୨୬ ସ୍କୁଲକୁ ମିଳିଲା ଅନୁଦାନ

ବାରିପଦା, ୯ ।୧୨(ସମିସ

ମୟୂରଭଞ୍ଜ ଜିଲ୍ଲା ସମେତ ଓଡ଼ିଶାରେ ସରକାରୀ ଓ ସରକାରୀ ସହାୟତା ପ୍ରାପ୍ତ ସ୍କୁଲରେ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ବାକିରେ ଚାଲିଥିବା ନେଇ ଗତ ୫ ତାରିଖ 'ସକାଳ'ରେ ଅନୁସନ୍ଧାନମୂଳକ ଖବର ପ୍ରକାଶ ପାଇବା ପରେ ମଙ୍ଗଳବାର ମୟୂରଭଞ୍ଜ ଜିଲ୍ଲାର ୬୨୬ଟି ସ୍କୁଲକୁ ୧୩ କୋଟି ୧୮ ଲକ୍ଷ ୬୮ ହଜାର ୧୫୫ ଟଙ୍କା ପ୍ରଦାନ କରାଯାଇଛି। ଫଳରେ ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟ କୃତଜ୍ଞତା ଜଣାଇଛନ୍ତି।

ସେପ୍ଟେମ୍ବର ମାସଠାରୁ ଅନୁଦାନ ମିଳି ନ ଥିବାରୁ ଏହି ଯୋଜନା ଅଧୀନରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଦିଗହରା ହୋଇ ରହିଥିଲା। ଫଳରେ ଚଳିତ ଶିକ୍ଷାବର୍ଷ ଆରମ୍ଭରୁ ମଧ୍ୟାହ୍ନଭୋଜନ ଯୋଜନାରେ ଯୋଡି ହୋଇଥିବା ମୟୂରଭଞ୍ଜ ଜିଲ୍ଲାର ୬୨୬ଟି ସ୍କୁଲର ୬୯ହଜାର ୩୨୮ଜଣ ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଧାନ ଶିକ୍ଷକମାନେ ଧାର ଉଦ୍ଧାରରେ ଖାଦ୍ୟ ପରିବେଷଣ କରୁଥିଲେ। ଏହି ସମସ୍ୟା ଯୋଗୁଁ କେତେକ


ସକାଳ THE SAKALA

ବାକିରେ ଚାଲିଛି 'ମୁଖ୍ୟମନ୍ତ୍ରୀ ପୋଷଣ' ଯୋଜନା

ସ୍କୁଲ ପରିଚାଳନା କମିଟି ଓ ଶିକ୍ଷକମାନେ ନିଜ ପକେଟରୁ ଖର୍ଚ୍ଚ କରି ଭୋଜନ ଯୋଗାଇ ଥିବାବେଳେ ଅସମ୍ଭାଳ ପରିସ୍ଥିତି ପାଇଁ ନୂଆ ସମସ୍ୟା ସୃଷ୍ଟି ହୋଇଥିଲା। ଓଡ଼ିଶା ସରକାର ପିଏମ୍ ପୋଷଣ ଯୋଜନାକୁ ବିସ୍ତାର କରି ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଜନାରେ ସାମିଲ କରିଥିଲେ। ଫଳରେ ରାଜ୍ୟରେ ପ୍ରାୟ ୪୫ ଲକ୍ଷ ଓ ମୟୂରଭଞ୍ଜ ଜିଲ୍ଲାର ୭୦ହଜାର ଛାତ୍ରଛାତ୍ରୀଙ୍କୁ ଉପକୃତ ହେଉଛନ୍ତି। ଏହି ଯୋଜନା ଉପରୋକ୍ତ ଶ୍ରେଣୀର

> **● ସେପ୍ଟେମ୍ବରରୁ ମିଳି ନ ଥିଲା ଅନୁଦାନ**
> **● ବାକିରେ ଚାଲିଥିଲା ନବମ ଓ ଦଶମ ପିଲାଙ୍କୁ ଖାଦ୍ୟ ଯୋଗାଣ**

ଛାତ୍ରଛାତ୍ରୀଙ୍କ ପୋଷଣ, ଉପସ୍ଥିତି ଓ ଶିକ୍ଷା ଗ୍ରହଣରେ ସୁଧାର ଆଣିଛି। କିନ୍ତୁ ସେପ୍ଟେମ୍ବର ୨୦୨୫ରୁ ଆଜି ପର୍ଯ୍ୟନ୍ତ ରାଜ୍ୟ ସମେତ ମୟୂରଭଞ୍ଜ ଜିଲ୍ଲାରେ ଅନୁଦାନ ନ ଆସିବା ଫଳରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଦିଗହରା ହୋଇଥିଲା। ତେବେ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟକୁ ରାଜ୍ୟରୁ ଅନୁଦାନ ଆସିବା ପରେ ୬୨୬ ହକଦାର ସ୍କୁଲକୁ ଉପରୋକ୍ତ ଅନୁଦାନ ରାଶି ସହିତ ଅତିରିକ୍ତ ୨୦୦୦ ଟଙ୍କା ଲେଖାଏଁ ସ୍ୱତନ୍ତ୍ର ସହାୟତା ରାଶି ଯୋଗାଇ ଦିଆଯାଇଛି। ଅନୁଦାନ ବନ୍ଦ ପାଇଁ ଚାଉଳ ସିନା ମିଳୁଥିଲା, କିନ୍ତୁ ରୋଷେଇ, ସଉଦା, ତେଲ ମସଲା, ପନିପରିବା, ଅଣ୍ଡା ଖର୍ଚ୍ଚ ପାଇଁ ସ୍କୁଲ କର୍ତ୍ତୃପକ୍ଷ ପକେଟରୁ ଟଙ୍କା ଦେଉଥିଲେ। ତେବେ ନୂତନ ସ୍କୁଲରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ଆବଶ୍ୟକ ସ୍ଥଳେ ସ୍କୁଲ ପିଛା ନିର୍ଦ୍ଧାରିତ ୨୦, ୦୦୦ ଟଙ୍କା ବାସନକୁସନ, ରୋଷେଇ ଉପକରଣ କିଣିବା ପାଇଁ ଅନୁଦାନ ଏପର୍ଯ୍ୟନ୍ତ ମିଳି ନ ଥିବାରୁ ସ୍କୁଲରେ ଭୋଜନ ପ୍ରସ୍ତୁତିରେ ବଡ଼ ଅସୁବିଧା ହେଉଛି ବୋଲି ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀ କହନ୍ତି, ଉପକରଣ ଅନୁଦାନ ବାବଦରେ ଜିଲ୍ଲାର ୩୫୭ଟି ସ୍କୁଲ ପାଇଁ ଅର୍ଥ ଆସିଛି। ତେବେ ୨୬ ଜଣ ବିଇଓଙ୍କୁ ସ୍କୁଲୱାରୀ ହିସାବ ମଗାଯାଇଛି। ତାହା ଆସିଲେ ସ୍କୁଲ ଆକାଉଣ୍ଟକୁ ଅର୍ଥ ଟ୍ରାନ୍ସଫର କରାଯିବ କହିଛନ୍ତି।

ସକାଳ THE SAKALA



# ଏମ୍‌ପିସି ସ୍ୱୟଂଶାସିତ କଲେଜ ବାର୍ଷିକ କ୍ରୀଡ଼ା ଆରମ୍ଭ



ବାରିପଦା, ୯ ।୧(ସମିସ): ସ୍ଥାନୀୟ ଏମପିସି ସ୍ୱୟଂଶାସିତ କଲେଜର ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଛି। ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା କ୍ରୀଡା ପ୍ରତିଯୋଗିତାକୁ ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଉଦଘାଟନ କରିଥିଲେ। ଏହି କ୍ରୀଡ଼ା ଉତ୍ସବରେ ଦୌଡକୁଦ, ଲମ୍ବଡ଼ିଆଁ, ଉଚ୍ଚଡିଆଁ, ଡିସ୍‌କସ ଥ୍ରୋ, ଜାଭେଲିନ ଥ୍ରୋ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। କଲେଜ୍ ଆଥଲେଟିକ ଆସୋସିଏସନର ଉପସଭାପତି ଡ. ଦୀପକ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ବାରିକ ପ୍ରତିଯୋଗିତାକୁ ପରିଚାଳନା କରୁଛନ୍ତି। ଅଧ୍ୟାପକଅଧ୍ୟାପିକା, କର୍ମଚାରୀ ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି।

# ୧୩ରୁ ଜାତୀୟ ମହାରାଜା ସେଭେନ୍ସ ରଗବୀ ଟୁର୍ଣ୍ଣାମେଣ୍ଟ



ବାରିପଦା, ୯ ।୧୨(ସମିସ): ମୟୂରଭଞ୍ଜ ଫାଉଣ୍ଡେସନ ଓ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ମିଳିତ ଆନୁକୂଲ୍ୟରେ ତଥା ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସହଯୋଗରେ ଜାତୀୟସ୍ତରୀୟ ମହାରାଜା ସେଭେନ୍ସ ରଗବୀ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୧୩ ଓ ୧୪ ତାରିଖରେ ବାରିପଦା ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଛି। ଏ ଅବସରରେ ବେଲଗଡ଼ିଆ ରାଜପ୍ରାସାଦରେ ମୟୂରଭଞ୍ଜ ଫାଉଣ୍ଡେସନର ଅଧ୍ୟକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରଥମଥର ପାଇଁ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କ ସ୍ମୃତିରେ ଅନୁଷ୍ଠିତ ହେବାକୁ ଥିବା ଏହି ଜାତୀୟ ଟୁର୍ଣ୍ଣାମେଣ୍ଟ ଉପରେ ମହାରାଣୀ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପୁରୁଷ ବିଭାଗରେ ବାରିପଦା, ଓଡିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀ, କଳିଙ୍ଗ ରଗବୀ ଟିମ, କୋଲକାତାର ଫ୍ୟୁଚର ହୋପ ହାର୍ଲକିନ ଓ ଫ୍ୟୁଚର ହୋପ ଯାକେଲ, କୋଲକାତା ପୁଲିସ, ତାମିଲନାଡୁ ପୁଲିସ, ଝାଡ଼ଖଣ୍ଡ ହାକ୍ସ, ଦିଲ୍ଲୀ ହରିକେନ୍ସ ଓ ମୁମ୍ବାଇ ମାଜିସିଆନ ଏବଂ ମହିଳା ବିଭାଗରେ ଫ୍ୟୁଚର ହୋପ, କୋଲକାତା ପୁଲିସ, କଳିଙ୍ଗ ରଗବୀ, ସରସ୍ୱତୀପୁର ସିଲିଗୁରି, ଆସାମ, ବାରିପଦା, ଓଡିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀ ଅଂଶଗ୍ରହଣ କରିବେ ବୋଲି ସହକାରୀ ଆୟୋଜକ ଦିବ୍ୟରଞ୍ଜନ ଦାସ ପ୍ରକାଶ କରିଥିଲେ। ପ୍ରତ୍ୟେକ ଦିନ ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ କ୍ଲବରେ ବହୁ ଅନ୍ତର୍ଜାତୀୟ ଓ ବିଦେଶୀ ଖେଳାଳିଙ୍କ ଖେଳ ଦେଖିବାର ସୁଯୋଗ ମିଳିବ। ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଟୁର୍ଣ୍ଣାମେଣ୍ଟର ବହୁଳ ପ୍ରଚାର ଓ ପ୍ରସାର ଉପରେ ଆଲୋକପାତ କରିଥିଲେ। ମୟୂରଭଞ୍ଜ ଫାଉଣ୍ଡେସନର ସଦସ୍ୟ ବିଭୁଦତ୍ତ ଦାସ କାର୍ଯ୍ୟକ୍ରମ ସଂଯୋଜନାରେ ସହଯୋଗ କରିଥିଲେ।

## ମୟୂରଭଞ୍ଜ ମହୋତ୍ସବର ନବମ ସନ୍ଧ୍ୟା

# ସାନ୍ତାଳୀ ସୁପରଷ୍ଟାର କଳ୍ପନା ହାଁସଦା ଓ ସାଥୀଙ୍କ ପରିବେଷଣ ମନ ମୋହିଲା

ବାରିପଦା, ୯ ।୧୨(ସମିସ):



ସ୍ଥାନୀୟ ଛଉ ପଡ଼ିଆରେ ଚାଲିଥିବା ଅଷ୍ଟମ ବାର୍ଷିକ ମୟୂରଭଞ୍ଜ ମହୋତ୍ସବର ୯ମ ସନ୍ଧ୍ୟାର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସମାଜସେବୀ ଗିରିଶ୍ଚନ୍ଦ୍ର ଦାସ, ଜିଲ୍ଲା ଓକିଲ ସଂଘ ସଭାପତି ପ୍ରବୀର କୁମାର ବସା, ସମ୍ପାଦକ ବିପ୍ଳବ ବାରିକ, ମହୋତ୍ସବ କମିଟିର ଅଧ୍ୟକ୍ଷ ଅସିତ ବରଣ ପତି, ସଭାପତି କୃଷ୍ଣାନନ୍ଦ ମହାନ୍ତି, ଉପସଭାପତି ସଞ୍ଜିବ ଦ୍ୱିବେଦୀ, ସମ୍ପାଦକ କଳିଙ୍ଗ କେଶରୀ ଜେନା ତଥା ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବ ଜିଲ୍ଲାର ଦଳଗତ ନିର୍ବିଶେଷରେ ସମସ୍ତଙ୍କର କହିବା ସହିତ ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ମୟୂରଭଞ୍ଜ ମହୋତ୍ସବ। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଧରି ମହୋତ୍ସବ ଚାଲିବ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲାର ସଙ୍ଗୀତ ଓ ନୃତ୍ୟ ପ୍ରତିଷ୍ଠାନ କଳାକାରଗଣ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ମୁଖ୍ୟ ଆକର୍ଷଣ ସାନ୍ତାଳୀ ସୁପରଷ୍ଟାର କଳ୍ପନା ହାଁସଦା ଓ ତାଙ୍କ ଟିମର କାର୍ଯ୍ୟକ୍ରମରେ ସମସ୍ତେ ଝୁମିଥିଲେ। ଉପସ୍ଥାପକ ଡ ରଞ୍ଜିତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ବୁଧବାର ମହୋତ୍ସବର ୧୦ମ ତଥା ଶେଷ ସନ୍ଧ୍ୟାରେ ବଲିଉଡର ଚଳଚ୍ଚିତ୍ର ତାରକା ଭାଗ୍ୟଶ୍ରୀ, କଣ୍ଠଶିଳ୍ପୀ ରୂପ କୁମାର ରାଠୋର ସପତ୍ନିକ ଯୋଗଦେଇ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ଜଣାପଡିଛି।

# ଓଷ୍ଟା ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ



କୁଳିଅଣା, ୯।୧୨(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) କୁଳିଅଣା ବ୍ଲକ ତରଫରୁ ପଂଚାୟତ ବାଳିକା ଉଚ୍ଚବିଦ୍ୟାଳୟ ରଙ୍ଗାଁଶୋଳଠାରେ ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ଗିରିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୟାନିଧି ମହାନ୍ତ, ମୁଖ୍ୟବକ୍ତା ଜିଲ୍ଲା ପୂର୍ବତନ ସଭାପତି ସନ୍ତୋଷ କାସ୍ତ, ସମ୍ମାନିତ ଅତିଥି ଶ୍ୟାମାଖୁଣ୍ଟା ସମ୍ପାଦକ ବୀରେନ୍ଦ୍ର ବେହେରା ଉପସ୍ଥିତ ରହି ଓଷ୍ଟାର ନୀତି ଆଦର୍ଶ ଓ ଶିଶୁ ଉତ୍ସବ ବିଷୟରେ ବକ୍ତବ୍ୟ ରଖିଥିଲେ। ପିଲାଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଶଣ ପରେ ସମ୍ପାଦକ ସୁଦର୍ଶନ ବାରିକ ଆଜିର କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ପ୍ରରେ ଦଶଟି ବିଭାଗ ତର୍କ, କଣ୍ଠ ସଂଗୀତ, ଆବୃତ୍ତି, ଗଳ୍ପ ଲିଖନ, କବିତା ଲିଖନ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, କୁଇଜ, ଏକକ ଅଭିନୟ ଓ ଏକକ ନୃତ୍ୟରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା।

ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ବିକାଶ ପଣ୍ଡା ମୁଖ୍ୟବକ୍ତା, ସମ୍ମାନିତ ଅତିଥି କାର୍ଯ୍ୟକାରୀ କମିଟି ସଭ୍ୟ ବିଶ୍ୱଜିତ ବିଶ୍ୱାଳ ଓ ସୁଶାନ୍ତ କୁମାର ଗିରି ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଉଭୟ ସଭାରେ ବିଦ୍ୟାଳୟର ଶିକ୍ଷକ ଶାନ୍ତନୁ ସେନାପତି ଓ ଶିକ୍ଷୟିତ୍ରୀ ସୁଜାତା ବେହେରା ଯଥାକ୍ରମେ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ପ୍ରଥମ ହୋଇଥିବା ଦଶ ଜଣ ପ୍ରତିଯୋଗୀ ଆସନ୍ତା ୧୩ ଓ ୧୪ ତାରିଖ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ବଡ଼ସାହି ବ୍ଲକ ଅନ୍ତର୍ଗତ ନଡ଼ପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଯୋଗଦେବେବୋଲି ସମ୍ପାଦକ ଜଣାଇଥିଲେ।

# ଚଢ଼େଇଭୋଳ ଛକରେ ଫୁଟ୍ ଓଭରବ୍ରିଜ ନିର୍ମାଣ ଦାବି

କରଞ୍ଜିଆ, ୯।୧୨(ସମିସ): କରଞ୍ଜିଆ ବ୍ଲକ୍ ତଥା ସିଙ୍ଗଡ଼ା କେନ୍ଦୁଝରର ୪୯ ନମ୍ବର ଜାତୀୟ ରାଜପଥର ଚଢେଇଭୋଳ ଛକରେ ଏକ ଫୁଟ୍ ଓଭରବ୍ରିଜ (ପାଦଚଲା ପୋଲ) ତୁରନ୍ତ ନିର୍ମାଣ କରିବାକୁ ଦାବି ହେଉଛି। ନଚେତ ଗୋଟିଏ ପରେ ଗୋଟିଏ ଦୁର୍ଘଟଣା ବଢ଼ି ଚାଲିଥିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଚଢେଇଭୋଳ ଛକ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଏକ ପ୍ରମୁଖ ଛକ। ପ୍ରତ୍ୟେହ ଶହ ଶହ ଯାତ୍ରୀ, ସ୍ଥାନୀୟ ଲୋକ ଏହି ଛକରୁ ଚତୁପାଶ୍ୱର୍ ରାସ୍ତାରେ ଯିବା ଆସିବା କରନ୍ତି। ବିଶ୍ୱବିଖ୍ୟାତ ଖିଚିଂ ମନ୍ଦିରକୁ କେନ୍ଦୁଝର ଆଡୁ ଆସୁଥିବା ଯାତ୍ରୀ ଚଢେଇଭୋଳ ରାସ୍ତାକୁ ବ୍ୟବହାର କରନ୍ତି। ଏନଏଚ କର୍ତ୍ତୃପକ୍ଷ କିପରି ଏଠାରେ ଓଭରବ୍ରିଜ ନ କଲେ ତାହା ରହସ୍ୟବୃତ୍ତ ହୋଇଛି। ଦୁଇଚକିଆ, ତିନିଚକିଆ ଓ ବଡ଼ ଗାଡି ଓଭର ବ୍ରିଜ ନ ଥିବାରୁ ସବୁବେଳେ ବିପଦଗ୍ରସ୍ତ ହୋଇ ରହିଛନ୍ତି। ବଜାର, ବିଦ୍ୟାଳୟ, ବସଷ୍ଟାଣ୍ଡ ପାଇଁ ରାସ୍ତା ପାରିହେବା ବଡ଼ ସମସ୍ୟା ହୋଇଛି। ଗତ କିଛିମାସ ଧରି ଲଗାତର ଚଢେଇଭୋଳ ଛକରେ ଛୋଟବଡ଼ ଦୁର୍ଘଟଣା ହେଉଥିବାରୁ ସବୁବେଳେ ଉତ୍ତେଜନା ପ୍ରକାଶ ପାଉଛି। ରାସ୍ତାରୋକ ହେଉଥିବାରୁ ୪୯ ନମ୍ବର ରାଜ ରାସ୍ତା ସବୁବେଳେ ମଟର ଚଳାଚଳରେ ବାଧା ଦେଖାଦେଉଛି। ଏହାବ୍ୟତୀତ ଚଢେଇଭୋଳ ଛକଠାରୁ ବିଭିନ୍ନ ଦିଗରେ ଲୋକମାନେ ରାଜରାସ୍ତାକୁ ଜବରଦଖଲ କରି ବେଆଇନ ଦୋକାନ ବଜାର କରି ରାସ୍ତାକୁ ସଂକୁଚିତ କରୁଥିବାରୁ ରାସ୍ତା ସବୁବେଳେ ଜାମ ରହୁଛି। ଏଣୁ ରାଜରାସ୍ତାର ଦୁଇ ପାଶ୍ୱର୍ରୁ ଜବରଦଖଲ ହଟାଇବା ଲାଗି ମଧ୍ୟ ଦାବି ହେଉଛି। ତୁରନ୍ତ ଫୁଟ ଓଭରବ୍ରିଜ ନିର୍ମାଣ କରାଯିବାକୁ ଦାବି ହେଉଛି। ନଚେତ ଗୋଟିଏ ପରେ ଗୋଟିଏ ଦୁର୍ଘଟଣା ବଢ଼ି ଚାଲିଥିବ।

# ଛେଳି ଚୋରି ଘଟଣାରେ ୪ କୋର୍ଟ ଚାଲାଣ

ବିଶୋଇ, ୯ ।୧୨ (ସମିସ): ବିଶୋଇ ଥାନା ଅନ୍ତର୍ଗତ ଫୁଲଝରା ଗ୍ରାମରୁ ଗତକାଲି ଛେଳି ଚୋରି କରୁଥିବା ସମୟରେ ୨ ଅଭିଯୁକ୍ତଙ୍କୁ ସ୍ଥାନୀୟ ଯୋଡ଼ିଆ ଗ୍ରାମବାସୀ କାବୁ କରି ପୁଲିସ ଜିମା ଦେଇଥିଲେ। ଛେଳି ଚୋର କରି ନେଇଯାଉଥିବା ଦୁଇ ମୁଖ୍ୟ ଅଭିଯୁକ୍ତ ବାଦାମପାହାଡ଼ ଥାନା କୁସୁମୀ ଗ୍ରାମର ଶେଖ ସାଜାରୁଧିନ (୨୧) ଓ ରାଇରଙ୍ଗପୁର ଟାଉନ ଥାନା ଅଧିନ ଭାଲୁବସା ଗ୍ରାମର ଶେଖ ଦିଲକାଶ (୨୨)ଙ୍କୁ ପୁଲିସ ଗିରଫ କରିବା ସହିତ ଚୋରିରେ ବ୍ୟବହୃତ ବାଇକକୁ ଜବତ କରି ଥାନାକୁ ଆଣିଥିଲେ। ଅଭିଯୁକ୍ତଙ୍କ ସହଯୋଗୀ ଅନ୍ୟ ଦୁଇ ଅଭିଯୁକ୍ତ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଭାଲୁବସା ଗ୍ରାମର ଶେଖ ଇଶରାଦ (୩୨) ଓ ବିଶୋଇ ଥାନା ଅନ୍ତର୍ଗତ ଲୁହାକାନି ଗ୍ରାମର ଶେଖ ମଜବୁଲ (୩୨)ଙ୍କୁ ମଧ୍ୟ ଗତକାଲି ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ଏହି ଘଟଣାକୁ ନେଇ ବିଶୋଇ ଥାନାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବାବେଳେ ଆଜି ସମସ୍ତ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ଜାତୀୟ ଏକତା ଶିବିରରେ ଏମ୍‌ଏସ୍‌ବି ବିଶ୍ୱବିଦ୍ୟାଳୟ ସ୍ୱେଚ୍ଛାସେବୀ ସାମିଲ

ବାରିପଦା, ୯ ।୧୨(ସମିସ): ଜାତୀୟ ସେବା ଯୋଜନା ଭୁବନେଶ୍ୱରର ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶିକା ସରିତା ପଟେଲଙ୍କ ନିର୍ଦ୍ଦେଶନାରେ ଗୁଜରାଟର ବାଣିଜ୍ୟ ମହାବିଦ୍ୟାଳୟ, ଦାଭୋଇଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ ଏକତା ଶିବିରରେ ମୟୂରଭଞ୍ଜର ସୀମାନ୍ତ ଡିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ଶରତ ପଢିହାରୀଙ୍କ ନେତୃତ୍ୱରେ ଜିଲ୍ଲାର ୧୦ ଜଣ ଛାତ୍ରଛାତ୍ରୀ ଯୋଗଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଛାତ୍ରୀ ପ୍ରଜ୍ଞା ପରମିତା ନାୟକ, ସୀମାନ୍ତ ମହାବିଦ୍ୟାଳୟର ଛାତ୍ର ଅର୍ଜୁନ ହାଁସଦା, ଜାମଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ଆଶା ସିଙ୍କୁ, ଚୈତନ୍ୟ ପ୍ରଶାଦ କଲେଜର ଛାତ୍ର ମୋହନ କୁମାର ବାରିକ, କଳିଙ୍ଗ ଡିଗ୍ରୀ କଲେଜର ଛାତ୍ରୀ ମାମା ମଣି ସୋରେନ, ଏମସିଏଏମ୍ କଲେଜର ଛାତ୍ରୀ ଗାୟତ୍ରୀ ପଟ୍ଟନାୟକ, ଉଦଳା କଲେଜର ଛାତ୍ର ରଥ ମାରାଣ୍ଡି, ମହାରାଜ ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ଆଦର୍ଶ କୁମାର ରାଉତ, ୟୁବିଏସ୍ କଲେଜର ଛାତ୍ରୀ ରିମା ଧୀର ଏହି ଶିବିରରେ ମନୋନୀତ ହୋଇ ଓଡିଶାର କଳା ସଂସ୍କୃତିକୁ ମହତ୍ୱ ପ୍ରଦାନ କରି ମୁଖ୍ୟ ପ୍ରସଙ୍ଗ 'ସର୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜନ୍ମ ବାର୍ଷିକୀ' ଅବସରରେ ସବୁଠାରୁ ଦୀର୍ଘତମ ପଦଯାତ୍ରା ରେ ଯୋଗଦାନ କରିଛନ୍ତି। ପଦଯାତ୍ରାକୁ 'ଷ୍ଟାଚ୍ୟୁ ଅଫ୍ ୟୁନିଟି'ଠାରେ ସମାପ୍ତ କରାଯାଇଛି। ଓଡିଶାରୁ ଯାଇଥିବା ସମସ୍ତ ସ୍ୱେଚ୍ଛାସେବୀ ନିଜର ସଂସ୍କୃତିର ପ୍ରଦର୍ଶନ କରି ଆମ ରାଜ୍ୟ ଓଡିଶା ପାଇଁ ଗୌରବ ଆଣିଛନ୍ତି। ଦୀର୍ଘ ୭ ଦିନ ଧରି ଚାଲିଥିବା ଏହି ଜାତୀୟ ଏକତା ଶିବିରରେ ଭାରତର ୮ଟି ରାଜ୍ୟରୁ ସର୍ବମୋଟ ୨୦୦ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଥିଲେ। ଏହି ଏକତା ଯାତ୍ରା ଗୁଜରାଟର କରମସଦରୁ ଆରମ୍ଭ ହୋଇ 'ଷ୍ଟାଚ୍ୟୁ ଅଫ୍ ୟୁନିଟି'ରେ ଶେଷ ହୋଇଥିଲା। ଉଦଯାପନୀ ଉତ୍ସବରେ ଉପରାଷ୍ଟ୍ରପତି ସି ପି ରାଧାକୃଷ୍ଣନ, ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡ ମନ୍ସୁଖ ମାଣ୍ଡବ୍ୟ ଯୋଗ ଦେଇଥିଲେ। ସମସ୍ତ ସ୍ୱେଚ୍ଛାସେବୀଙ୍କୁ ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ, ଜାତୀୟ ସେବା ଯୋଜନା ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ବସନ୍ତ କୁମାର ମହାନ୍ତ, ଜାତୀୟସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଅନାମ ଚରଣ ରାଉଳ, ଜାତୀୟ ସେବା ଯୋଜନା ବ୍ୟୁରୋର କର୍ମକର୍ତ୍ତାଙ୍କ ସହିତ ବିଭିନ୍ନ ବିଭାଗରୁ ଶୁଭେଚ୍ଛା ଜଣାଯାଇଛି।



# ଏମ୍‌ସିଏଏମର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ବାରିପଦା, ୯ ।୧୨(ସମିସ): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ବାର୍ଷିକ କ୍ରୀଡା ଉତ୍ସବ ଆଜି ଉଦଯାପିତ ହୋଇଯାଇଛି। ଗତକାଲି ମହାବିଦ୍ୟାଳୟ ଖେଳ ପଡିଆରେ ଅଧ୍ୟକ୍ଷ ପ୍ରଦୀପ ନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ଜୁନିୟର ଓ ସିନିୟର ବର୍ଗରେ ଛାତ୍ରଛାତ୍ରୀଙ୍କୁ ଭାଗ କରି ତାଙ୍କ ମଧ୍ୟରେ ଲମ୍ବଡିଆଁ, ଉଚ୍ଚଡିଆଁ, ଜୁବେଲିନ ଥ୍ରୋ, ସଟପୁଟ ଥ୍ରୋ, ଡିସ୍‌କସ ଥ୍ରୋ, ବ୍ୟାଡ଼ମିଣ୍ଟନ, ଭଲିବଲ, କବାଡି, ୧୦୦ ମିଟର, ୨୦୦ ମିଟର, ୪୦୦ ମିଟର ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଉଦଯାପନୀ ଦିବସରେ ଏକ ମାରାଥନ ଦୌଡ ପ୍ରତିଯୋଗିତା ରଘୁନାଥପୁରସ୍ଥ ହରିହର ମନ୍ଦିରଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସାନ୍ତାଳୀ ବିଭାଗର ମୁଖ୍ୟ ପ୍ରଫେସର ଡ ଯତୀନ୍ଦ୍ର ବେଶ୍ରା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ପୁରସ୍କାର ବିତରଣ କରିଥିଲେ। ମହାବିଦ୍ୟାଳୟର ଖେଳ ଅଧିକାରୀ ଅଧ୍ୟାପକ ସମ୍ବିତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାସ୍ତବ ମହାନ୍ତ ଓ ଅଧ୍ୟାପକ ରଂଜିତ ମାରାଣ୍ଡି ସହାୟତା କରିଥିଲେ। ମୟୂରଭଞ୍ଜ ସାଇନ୍ସ ହାଏର ସେକେଣ୍ଡାରୀ ସ୍କୁଲ ଛାତ୍ରଛାତ୍ରୀ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ଶ୍ରୀ ନାୟକ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା, ମୟୂରଭଞ୍ଜ ସାଇନ୍ସ ହାଏର ସେକେଣ୍ଡାରୀ ସ୍କୁଲର ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇବା ସହ କୃତି ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର/ବହଳଦା, ୯।୧୨(ସମିସ): ବେଆଇନ ଭାବେ ବାଲି ଚୋରାଚାଲାଣ ବେଳେ ବହଳଦା ଅଞ୍ଚଳରୁ ମାଇନିଂ ବିଭାଗ ଦ୍ୱାରା ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଯାଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବାର ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ବିଭାଗ ପକ୍ଷରୁ କନିଷ୍ଠ ଖଣି ଅଧିକାରୀ ମିଥୁନ ଗିରି ଦୁନ୍ଦୁ ବଜାର ଅଞ୍ଚଳରେ ଚଢ଼ାଉ କରି ଟ୍ରାକ୍ଟର ଜବତ କରିଛନ୍ତି। ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରିବା ନେଇ ବିଶ୍ୱସ୍ତସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲେ। ଟ୍ରାକ୍ଟର ଅଟକାଇ ପଚରାଉଚରା କରିଥିଲା। ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଛି। ଏ ନେଇ ବହଳଦା ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଟ୍ରକ୍ ଧକ୍କାରେ ସାଇକଲ ଆରୋହୀ ମୃତ

ରାଇରଙ୍ଗପୁର, ୯।୧୨(ସମିସ): ଯଶିପୁର ଥାନା ଅନ୍ତର୍ଗତ ରରୁଆଁ ଛକରେ ଟ୍ରକ ଧକ୍କାରେ ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଯଶିପୁର ଥାନା ଅନ୍ତର୍ଗତ ଚାକିଡି ପଞ୍ଚାୟତ ମୋରଣ୍ଡା ଗ୍ରାମର ଲିକୁନ ହୋ। ହାଟ ସାରି ଘରକୁ ଫେରିଥିବାବେଳେ ଅଘଟଣ ଘଟିଥିବା ସନ୍ଦେହ କରାଯାଉଛି। ଯଶିପୁର ସହର ମଧ୍ୟ ଦେଇ ୪୯ ନମ୍ବର ଜାତୀୟ ରାଜପଥ ଯାଇଛି। ରାସ୍ତା ଅବସ୍ଥା ଖରାପ ଥିବାବେଳେ ରରୁଆଁ ଛକରେ ମଙ୍ଗଳବାର ସନ୍ଧ୍ୟାରେ ଟ୍ରକ୍‌ଟି ସାଇକଲ ଆରୋହୀକୁ ଧକ୍କା ଦେଇଥିଲା। ସେ ରାସ୍ତା ପାର ହେଉଥିବାବେଳେ ଦୁର୍ଘଟଣା ଘଟିଥିଲା। ଫଳରେ ଘଟଣାସ୍ଥଳରେ ହିଁ ସାଇକଲ ଆରୋହୀଙ୍କ ମୃତ ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକ ପୁଲିସକୁ ଖବର ଦେଇଥିଲେ। ପୁଲିସ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିବା ବେଳକୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରି ତଦନ୍ତ ଜାରି ରଖିଛି।

# ବିକାଶର ରାହା ଖୋଜୁଛି ବାଙ୍କବଳ ବନ୍ଧ

ବିଶୋଇ, ୯ ।୧୨(ସମିସ):



ମୟୂରଭଞ୍ଜ ଜିଲ୍ଲା ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର। ଏହି ଭଞ୍ଜମାଟି ଶିମିଳିପାଳ ଅଭୟାରଣ୍ୟ, ମା' କୀଚକେଶ୍ୱରୀ ଓ ମା' ଅମ୍ବିକା କ୍ଷେତ୍ର ପାଇଁ ବିଶ୍ୱ ଦରବାରରେ ପରିଚିତ। ପ୍ରକୃତି ମୟୂରଭଞ୍ଜ ଜିଲ୍ଲାରେ ଛତ୍ରେ ଛତ୍ରେ ଭରିଦେଇଛି ପ୍ରାକୃତିକ ସୌନ୍ଦର୍ଯ୍ୟ। ସେଥିମଧ୍ୟରୁ କେତେକ ଲୋକଲୋଚନକୁ ଆସି ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇଥିବାବେଳେ ଆଉକିଛି ଲୋକଲୋଚନର ଆଢୁଆଳରେ ଆଜି ବି ନିଜର ନୈସର୍ଗିକ ସୁଷମା ଖେଳାଇ ପଡ଼ିରହିଛି। ଏଭଳି କିଛି ବିକାଶବିହୀନ ପର୍ଯ୍ୟଟନ ସ୍ଥଳୀ ଶିମିଳିପାଳ ପାଦଦେଶରେ ଥିବା ବିଶୋଇ ଅଞ୍ଚଳରେ ଦେଖିବାକୁ ମିଳିଛି।

- ସୌନ୍ଦର୍ଯ୍ୟକରଣ ପାଇଁ ପୂର୍ବ ସରକାର ଦେଇଥିଲେ ୮୦ ଲକ୍ଷ
- ରିସର୍ଟ ବ୍ୟବସ୍ଥା ହେଲେ ଅଞ୍ଚଳବାସୀଙ୍କ ପାଇଁ ପାଲଟିବ ନିଯୁକ୍ତି ହବ୍

ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ରାଜ୍ୟର ଯୋଗାଯୋଗର ପେଣ୍ଠସ୍ଥଳୀ ବିଶୋଇ ଅଞ୍ଚଳ। ଏହି ଅଞ୍ଚଳ ଜିଲ୍ଲାର ପ୍ରମୁଖ ଅଞ୍ଚଳ କହିଲେ ଅତ୍ୟୁକ୍ତି ହେବନାହିଁ। ସବୁ ସମୟରେ ଏହି ଅଞ୍ଚଳରେ ବିଭିନ୍ନ ଅଞ୍ଚଳର ଲୋକଙ୍କ ଭିଡ଼ ଜମିଥାଏ। ଏହି ବ୍ଲକ୍‌ର ଲୁହାକାନି ପଞ୍ଚାୟତର ବାଙ୍କବଳ ବନ୍ଧ ପିକନିକ ସ୍ପଟ ଭାବେ ପରିଚିତ। ଉକ୍ତ ଡ୍ୟାମ ନିର୍ମାଣରେ ୩୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ବନ୍ଧର ସେହିପରି ଉନ୍ନତ ବ୍ୟବସ୍ଥା ପରିଲକ୍ଷିତ ହୁଏନାହିଁ। ବିଶୋଇରୁ ରାଇରଙ୍ଗପୁରକୁ ଯିବା ବାଟରେ ଦୀର୍ଘ ୯ କିମି ରାସ୍ତା ଅତିକ୍ରମ କଲେ ପଡ଼େ ମଧୁପୁର ଛକ। ମଧୁପୁର ଛକରୁ ପାଖାପାଖି ୧ କିମି ଭିତରକୁ ଗଲେ ପଡ଼େ ବାଙ୍କବଳ ବନ୍ଧ। ପିକନିକ ଋତୁ ଆସିଲେ ଏହି ବନ୍ଧ ଚଳଚଞ୍ଚଳ ହୋଇପଡ଼େ। ଅନ୍ୟ ସମୟରେ ଡ୍ୟାମ ଖାଁ ଖାଁ ଥିବା ମନେ ହୁଏ। ଏହି ବନ୍ଧର ଅନ୍ୟଏକ ବିଶେଷତ୍ୱ ରହିଛି ରାଖି ପୂର୍ଣ୍ଣିମାରେ। ରାଖି ପୂର୍ଣ୍ଣିମାରେ ୩ ଦିନ ଧରି ଡ୍ୟାମରେ ଫୁଟବଲ ପ୍ରତିଯୋଗିତା ସାଙ୍ଗକୁ ମେଳା ଆୟୋଜନ ହୁଏ। ତେବେ ଏହା ଆଦିବାସୀଙ୍କ 'ବନ୍ଧୁମିଳନ' ପର୍ବ ଭାବେ ପରିଚିତ ଥିବା ହେତୁ ତିନିଦିନ ଧରି ଏଠାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଆଦିବାସୀ ଭାଇଭଉଣୀଙ୍କ ଭିଡ଼ ଦେଖିବାକୁ ମିଳେ। ୨୦୨୩ରେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ଉଦ୍ୟମରେ ଏହି ବନ୍ଧର ସୌନ୍ଦର୍ଯ୍ୟକରଣ ପାଇଁ 'ଆମ ଓଡ଼ିଶା, ନବୀନ ଓଡିଶା' ଯୋଜନାରେ ୮୦ ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଥିଲା। ଉକ୍ତ ଅନୁଦାନରେ ଡ୍ୟାମରେ ଦୀର୍ଘବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା ପାନ୍ଥଶାଳାର ନବୀକରଣ କାର୍ଯ୍ୟ, ବନ୍ଧ ରାସ୍ତାର ୨ ପାଶ୍ୱର୍ରେ ଥିବା ଷ୍ଟ୍ରିଟ୍‌ଲାଇଟ ଓ ପାର୍କ ନିର୍ମାଣ କାର୍ଯ୍ୟ କରାଯାଇଛି। ଏହାର ରକ୍ଷଣାବେକ୍ଷଣକୁ ବିଶେଷ ଗୁରୁତ୍ୱ ଦିଆଯାଉନାହିଁ। ବିଶୋଇ ଅଞ୍ଚଳ ଜାମସେଦପୁର, ରାଇରଙ୍ଗପୁର, ବାରିପଦା ଓ କେନ୍ଦୁଝର ଅଞ୍ଚଳର ମଧ୍ୟବର୍ତ୍ତୀ ସ୍ଥାନ ଥିବା ହେତୁ ଟୁରିଷ୍ଟଙ୍କ ରହଣି ଓ ଅନ୍ୟାନ୍ୟ ବିବାହ, ଆନୁଷ୍ଠାନିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଏହି ବନ୍ଧରେ ସରକାରଙ୍କ ପକ୍ଷରୁ ଏକ ରିସର୍ଟ ସ୍ଥାପନ କରାଗଲେ ବର୍ଷ ତମାମ ଭିଡ଼ ଲାଗି ରହିବ। ରିସର୍ଟ ନିର୍ମାଣ ଦ୍ୱାରା ସ୍ଥାନୀୟ ବାସିନ୍ଦା ନିଯୁକ୍ତି ପାଇବାର ବାଟ ଖୋଲିବା ସାଙ୍ଗକୁ ରିସର୍ଟର ଅନୁଦାନ ସଂଗ୍ରହ ପାଣ୍ଠି ଉକ୍ତ ଡ୍ୟାମର ବିକାଶରେ ଲାଗିପାରନ୍ତା। ବାଙ୍କବଳ ବନ୍ଧକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦେଇ ଏହାର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଶାସନ ଚେଷ୍ଟା କଲେ ଏହି ଅଞ୍ଚଳର ବିକାଶର ଶିଖରରେ ପହଞ୍ଚିବା ସହିତ ଏହି ଅଞ୍ଚଳର ଅଧିବାସୀଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ହେବ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ରକ୍ତଦାନ ଶିବିର




ବେତନଟୀ, ୯।୧୨(ସମିସ): ବେତନଟୀ ବ୍ଲକ୍ ଭଗବାନପୁରସ୍ଥ ଆମ୍ବଗଡ଼ିଆ ବିକାଶ ପରିଷଦ ଆନୁକୂଲ୍ୟରେ ତଥା ଓଡ଼ିଶା ରକ୍ତଦାତା ସଙ୍ଗଠନ ଓ ବାଲେଶ୍ୱରସ୍ଥ ଏଚଡିଏଫସି ବ୍ୟାଙ୍କ୍ ଲିମିଟେଡର ମିଳିତ ସହଯୋଗରେ ଭଗବାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଆମ୍ବଗଡ଼ିଆ ବିକାଶ ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ସଭାପତିତ୍ୱରେ ଓଡ଼ିଶା ରକ୍ତଦାତା ସଂଘର ରାଜ୍ୟ ସଂଯୋଜକ ସୁମନ୍ତ ଜେନା ମୁଖ୍ୟଅତିଥି, ମୁଖ୍ୟବକ୍ତା ଆଚାର୍ଯ୍ୟ ବିଜୟ ଜି, ସମ୍ମାନିତ ଅତିଥି ଭୀମ ଚରଣ ମାଝୀ, ଅକ୍ଷୟ ମିଶ୍ର, ରବୀନ୍ଦ୍ର ବେହେରା ବାଇନ, ଯୋଗୀ ଅନ୍ତର୍ଯ୍ୟାମୀ ରାଉଳ ଭାବେ ଯୋଗଦେଇ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ ତପସ୍ୱିନୀ ପତ୍ରୀ। ଏହି ଶିବିରରେ ଏଚଡିଏଫସି ବ୍ୟାଙ୍କର ମ୍ୟାନେଜର ସୁମିତ ମୁଖାର୍ଜୀ, ଅଧିକାରୀ କାଳୀ ଚରଣ ପରିଡ଼ା, ଭବାନୀଶଙ୍କର ଦାଶ ଓ ବାଲେଶ୍ୱର ଜିଲ୍ଲା ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଓ ଓଡ଼ିଶା ରକ୍ତଦାତା ସଂଘର ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛା ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶା ରକ୍ତକେନ୍ଦ୍ରର ବ୍ଲଡ଼ ବ୍ୟାଙ୍କ ଅଫିସର ଡା. ମୌମୀ ଚଙ୍ଗଦାର, ଲାବୋରେଟୋରୀ ଟେକନିସିଆନ ଦେବାଶିଷ ଦତ୍ତ, ଅଭିରାମ ପଣ୍ଡା, ଶୁଭ୍ରତା ପ୍ରଧାନ, ଅଜୟ ମହାପାତ୍ର ଓ ବିଦ୍ୟାଧର ସାହୁ ପ୍ରମୁଖ ଯୋଗଦେଇ ଏହି ଶିବିରରୁ ୨୧ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ରକ୍ତଦାନ ସହ ବୃକ୍ଷ ରୋପଣ କରି ଶେଷରେ ଆମ୍ବଗଡ଼ିଆ ବିକାଶ ପରିଷଦର ସମ୍ପାଦକ କୁଳ ମହାନ୍ତ ଧନ୍ୟବାଦ୍ ଜ୍ଞାପନ କରିଥିଲେ।

